୬ ପାକିସ୍ତାନ ବିପକ୍ଷରେ ଇତିହାସ ରଚିବେ ହାର୍ଦ୍ଦିକ ପାଣ୍ଡ୍ୟା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୨୪୧ ● ୨୮ ସେପ୍ଟେମ୍ବର ୨୦୨୫, ରବିବାର ● ଭୁବନେଶ୍ୱର ● Vol -32 ● Issue-241 ● 28th September 2025, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27







## ୬୦ହଜାର କୋଟିର ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

# ଆମ ସରକାର ଓଡ଼ିଶାର ବିକାଶର ଗତିକୁ ତ୍ୱରାନ୍ୱିତ କରିବା ପାଇଁ ସଂକଳ୍ପବଦ୍ଧ



**ଝାରସୁଗୁଡା/ଭୁବନେଶ୍ୱର, ୨୭।୯**

**ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଝାରସୁଗୁଡାଠାରେ ୬୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ସହ ଜଡ଼ିତ। ପ୍ରଧାନମନ୍ତ୍ରୀ ଝାରସୁଗୁଡା ଅମଲିପାଲି ଠାରେ ଆୟୋଜିତ ଯୁବ ସମାବେଶକୁ ସମ୍ବୋଧିତ କରି କହିଥିଲେ ବର୍ତ୍ତମାନ ନବରାତ୍ରି ପର୍ବ ପାଳନ କରାଯାଉଥିବାରୁ ଏହି ପବିତ୍ର ଦିନରେ ମା’ ସମଲେଇ ଏବଂ ମା’ ରାମଚଣ୍ଡୀଙ୍କ ପବିତ୍ର ଭୂମିକୁ ଆସିବା ଏବଂ ଆଜିର କାର୍ଯ୍ୟକ୍ରମରେ ସମବେତ ଲୋକମାନଙ୍କୁ ଭେଟିବାର ସୌଭାଗ୍ୟ ତାଙ୍କୁ ମିଳିଛି। ସେ କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମା’ ଏବଂ ଭଉଣୀଙ୍କ ଉପସ୍ଥିତି ବିଷୟରେ ଉଲ୍ଲେଖ କରି କହିଥିଲେ, ସେମାନଙ୍କର ଆଶୀର୍ବାଦ ହିଁ ଶକ୍ତିର ପ୍ରକୃତ ଉତ୍ସ। ଏହି ଅବସରରେ ସବୁ ଲୋକମାନଙ୍କୁ ସେ ପ୍ରଣାମ ଜଣାଇଥିଲେ।

ଯୁବ ସମାବେଶରେ ରାଜ୍ୟପାଳ, ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ସାଂସଦ ବୈଜୟନ୍ତ ପଣ୍ଡା, ଜୁଏଲ ଓରାମ ଓ ମନ୍ତ୍ରୀ ରବିନାରାୟଣ ନାଏକ ପ୍ରମୁଖଙ୍କ ଗହଣରେ ପ୍ରଧାନମନ୍ତ୍ରୀ ତାଙ୍କ ଉଦ୍‌ବୋଧନରେ କହିଥିଲେ ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ। ବଞ୍ଚିତ, ପଛୁଆ ବର୍ଗ ଏବଂ ଆଦିବାସୀ ସମ୍ପ୍ରଦାୟ ସମେତ ଅବହେଳିତ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇବା ଉପରେ ଆମେ ଧ୍ୟାନ ଦେଉଛୁ । ଆଜିର କାର୍ଯ୍ୟକ୍ରମ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଥିଲେ । ଶ୍ରୀ ମୋଦୀ ଆହୁରି କହିଥିଲେ, ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ସୁଯୋଗ ତାଙ୍କୁ ମିଳିଛି। ଯେତେବେଳେ ଏକ ଗରିବ ପରିବାର ପକ୍କା ଘର ପାଏ, ଏହା କେବଳ ସେମାନଙ୍କର ବର୍ତ୍ତମାନ ନୁହେଁ ବରଂ ଭବିଷ୍ୟତ ପିଢ଼ିକୁ ମଧ୍ୟ ପରିବର୍ତ୍ତନ କରିଥାଏ। ତାଙ୍କ ସରକାର ସାରା ଦେଶରେ ଗରିବ ପରିବାରକୁ ଚାରି କୋଟିରୁ ଅଧିକ ପକ୍କା ଘର ଯୋଗାଇ ଦେଇସାରିଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଓଡ଼ିଶାରେ ହଜାର ହଜାର ଘର ଦ୍ରୁତ ଗତିରେ ନିର୍ମାଣ କରାଯାଉଛି । ଏହି କ୍ରମରେ ସେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ *(ପୃଷ୍ଠା ୭ରେ)*

# ବିଜୟଙ୍କ ନିର୍ବାଚନୀ ରାଲିରେ ଦଳାଚକଟା ଘଟି ୩୧ ମୃତ



**କରୁର(ତାମିଲନାଡୁ), ୨୭।୯**

ତାମିଲ ଅଭିନେତା ବିଜୟ ଥାଲାପତିଙ୍କ ନିର୍ବାଚନୀ ଶୋଭାଯାତ୍ରାରେ ଶନିବାର ରାତିରେ ବଡ଼ ଅଘଟଣ ଘଟିଛି। ଶୋଭାଯାତ୍ରା ସମୟରେ ଦଳାଚକଟା ଘଟିବାରୁ ଅଣନିଶ୍ୱାସୀ ହୋଇ ୩୧ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଶତାଧିକ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ କରୁର ଜିଲାପାଳଙ୍କୁ ତୁରନ୍ତ ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି।

ଶନିବାର କରୁର ଜିଲ୍ଲାରେ ବିଜୟଙ୍କ ନିର୍ବାଚନୀ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏଥିରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିଲେ ହେଁ ଅସମ୍ଭାଳ ଭିଡ଼ ଯୋଗୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇ ନ ଥିଲା। ପରିସ୍ଥିତି ଅଣାୟତ୍ତ ହେବାରୁ ବିଜୟ ଅଧାରୁ ଭାଷଣ ବନ୍ଦ କରିଥିଲେ। *(ପୃଷ୍ଠା ୭ରେ)*

### ଦୁଃଖ ପ୍ରକାଶ କଲେ ପ୍ରଧାନମନ୍ତ୍ରୀ

ତାମିଲ ଅଭିନେତା ବିଜୟ ଥାଲାପତିଙ୍କ ନିର୍ବାଚନୀ ସଭାରେ ଦଳାଚକଟା ଘଟଣାରେ ୩୧ ଜଣଙ୍କ ମୃତ୍ୟୁ ଓ ଶତାଧିକ ଆହତ ହେବା ଘଟଣା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପରିବାରକୁ ପ୍ରଧାନମନ୍ତ୍ରୀ ଗଭୀର ସମବେଦନା ଜଣାଇବା ସହ ଆହତଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାକୁ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

## ଆଜିର ମୁଖ୍ୟ ଖବର

- ଆଫ୍ରିକାର ନାଇଜେରିଆରେ ଆତଙ୍କବାଦୀ ଆକ୍ରମଣରେ ଅନେକ ସାଧାରଣ ଲୋକଙ୍କ ମୃତ୍ୟୁ।
- ଜାପାନରେ ନୂଆ ଉପଗ୍ରହ ଉଡ଼ାଣ ସଫଳ ହୋଇଥିବାରୁ ବୈଜ୍ଞାନିକ ମାନେ ଖୁସି ପ୍ରକାଶ କରିଛନ୍ତି।
- ପାକିସ୍ତାନରେ ଆର୍ଥିକ ସଙ୍କଟ ବଢ଼ିଥିବାରୁ ସରକାର ଅନ୍ତର୍ଜାତୀୟ ମୁଦ୍ରାକୋଷରୁ ଆର୍ଥିକ ସହାୟତା ଚାହୁଁଛି।
- ଫ୍ରାନ୍ସରେ ସରକାରୀ ପେନସନ୍ ସଂଶୋଧନ ବିରୋଧରେ ବିଶାଳ ପ୍ରଦର୍ଶନ ।
- କାନାଡାରେ ଜଙ୍ଗଲ ଆଗୁନରେ ଅନେକ ଘର ଏବଂ ବନ୍ୟପ୍ରାଣୀ ନଷ୍ଟ ।
- ଲଦାଖରେ ହିଂସାକାଣ୍ଡ ପରେ ସ୍ଥାନୀୟ ପ୍ରଶାସନ ସମଗ୍ର ଅଞ୍ଚଳରେ କଠିନ ସୁରକ୍ଷା ନିୟମ ଜାରି।
- ମୁଖ୍ୟମନ୍ତ୍ରୀ ଆଦିବାସୀ ଅଞ୍ଚଳର ଛାତ୍ରୀମାନଙ୍କୁ ଡିଜିଟାଲ ଶିକ୍ଷାକୁ ପ୍ରୋତ୍ସାହନ ପାଇଁ ସ୍ମାର୍ଟଫୋନ ବଣ୍ଟନ କରିଛନ୍ତି।

# ଏନଡିଏ ଦୁଇ-ତୃତୀୟାଂଶ ବହୁମତ ହାସଲ କଲେ ଅନୁପ୍ରବେଶକାରୀଙ୍କୁ ବହିଷ୍କାର କରାଯିବ

**ଅରରିଆ, ୨୭।୯**

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶନିବାର ବିହାରର ଅରରିଆ ଜିଲ୍ଲାର ଫୋର୍ବସଗଞ୍ଜରେ ପହଞ୍ଚିଥିଲେ ଏବଂ ଫୋର୍ବସଗଞ୍ଜ ବିମାନବନ୍ଦର ପରିସରରେ ପୂର୍ଣ୍ଣିଆ, କୋଶୀ ଏବଂ ଭାଗଲପୁର ଡିଭିଜନର ଦଶଟି ସାଂଗଠନିକ ଜିଲ୍ଲାର ୪୯ ବିଧାନସଭା ନିର୍ବାଚନମଣ୍ଡଳୀର କର୍ମୀଙ୍କ ଏକ ଆଞ୍ଚଳିକ ବୈଠକରେ ସମ୍ବୋଧିତ କରିଥିଲେ। ସେ



କର୍ମୀମାନଙ୍କୁ ‘ସୈନିକ କର୍ମୀ’ ଭାବରେ ସମ୍ବୋଧିତ କରି କହିଥିଲେ ଯେ ସମସ୍ତ ଦଳ ନେତାଙ୍କ ଉପରେ ଆଧାର କରି ନିର୍ବାଚନ ଜିତିଥାନ୍ତି, କିନ୍ତୁ ବିଜେପିରେ ନିର୍ବାଚନ ଜିତିବାର କାମ କର୍ମୀଙ୍କ ଉପରେ ନ୍ୟସ୍ତ।

ସେ କହିଥିଲେ ଯେ ଯଦି ଦୁଇ-ତୃତୀୟାଂଶ ବହୁମତ ସହିତ ସରକାର ଗଠନ କରେ, ତେବେ ଅନୁପ୍ରବେଶକାରୀଙ୍କୁ ବାଛି ବାଛି ବାହାର କରାଯିବ। ସେ କହିଥିଲେ ଯେ ନିର୍ବାଚନ କୋସୀକୁ ବନ୍ୟାମୁକ୍ତ କରିବା ବିଷୟରେ। ରାହୁଲ ଗାନ୍ଧୀଙ୍କ ବିହାର ଗସ୍ତ ସମ୍ପର୍କରେ ସେ କହିଛନ୍ତି *(ପୃଷ୍ଠା ୭ରେ)*

# ନକ୍ସଲଙ୍କ ଅସ୍ତ୍ରଶସ୍ତ୍ର କାରଖାନାକୁ ଧ୍ୱଂସ କଲା ସୁରକ୍ଷା ବାହିନୀ

**ରାୟପୁର, ୨୭।୯**

**ନ୍ୟୁଜ୍ ବ୍ୟୁରୋ**

ଛତିଶଗଡ଼ ରାଜ୍ୟ ସୁକମା ଜିଲ୍ଲାର ମେଟାଗୁଡ଼ା କ୍ୟାମ୍ପ ଅଞ୍ଚଳରେ ସୁରକ୍ଷା ବାହିନୀ ଏକ ନକ୍ସଲ ଅସ୍ତ୍ରଶସ୍ତ୍ର କାରଖାନାକୁ ଧ୍ୱଂସ କରିଛି। କାରଖାନାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା ଏବଂ ନିର୍ମାଣ ଉପକରଣ ଉଦ୍ଧାର କରାଯାଇଛି।

ସୁକମା ଜିଲ୍ଲା ପୋଲିସ ଅଧିକ୍ଷକ କିରଣ ଚୌହାନ ଶନିବାର ଏନେଇ ସୂଚନା ଦେଇ କହିଛନ୍ତି ଯେ, ସେପ୍ଟେମ୍ବର ୨୬ ତାରିଖରେ ଜିଲ୍ଲା ଫୋର୍ସ ସୁକମା ଏବଂ ୨୦୩ କୋବ୍ରା ବାଟାଲିୟନର ଏକ ମିଳିତ ଦଳ ନକ୍ସଲ ବିରୋଧୀ ଅଭିଯାନ ପାଇଁ ଏରାପଲ୍ଲୀ ଏବଂ କୋଇମେଣ୍ଟା ଗ୍ରାମର ଘନ ଜଙ୍ଗଲ ଏବଂ ପାହାଡ଼କୁ ଯାଇଥିଲେ। ସୈନ୍ୟମାନେ କୋଇମେଣ୍ଟା ଗ୍ରାମ ଚାରିପାଖରେ ଥିବା ଜଙ୍ଗଲ ଏବଂ ପାହାଡ଼ରେ ଏକ ଘନ ତଲାସ ଆରମ୍ଭ କରିଥିଲେ। ଜଙ୍ଗଲରେ ନକ୍ସଲ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ତିଆରି ଏକ କାରଖାନା ଠାବ ହୋଇଥିଲା। ସୈନ୍ୟମାନେ ଘଟଣାସ୍ଥଳରେ କାରଖାନାକୁ ଧ୍ୱଂସ କରିଦେଇଥିଲେ।

ନକ୍ସଲଙ୍କ ଏହି କାରଖାନାରୁ ଏକ ଭର୍ଟିକଲ ମିଲିଂ ମେସିନ୍, ତିନୋଟି ବେଞ୍ଚ ଭାଇସ୍, ଦୁଇଟି ବଡ଼ ବିଜିଏଲ ଲଞ୍ଚର୍, ୧୨ଟି ଖାଲି ବିଜିଏଲ ସେଲ୍, ୯୪ଟି ବିଜିଏଲ ହେଡ୍, ଗୋଟିଏ ହ୍ୟାଣ୍ଡ ଗ୍ରାଇଣ୍ଡର *(ପୃଷ୍ଠା ୭ରେ)*

# ନିୟନ୍ତ୍ରଣ ରେଖା ସେପଟେ କଶ୍ମୀରକୁ ଅନୁପ୍ରବେଶ କରିବା ଉଦ୍ୟମରେ ଆତଙ୍କବାଦୀ- ବିଏସଏଫ ଆଇଜି

**ଶ୍ରୀନଗର, ୨୭।୯**

ସୀମା ସୁରକ୍ଷା ବଳ କଶ୍ମୀର ଫ୍ରଣ୍ଟିୟରର ମହାନିରୀକ୍ଷକ ଅଶୋକ ଯାଦବ ଶନିବାର ଦିନ କହିଛନ୍ତି ଯେ, ଆତଙ୍କବାଦୀମାନେ ନିୟନ୍ତ୍ରଣ ରେଖାର ନିକଟରେ ଥିବା ଲଞ୍ଚ୍ ପ୍ୟାଡ୍‌ରୁ କଶ୍ମୀର ଘାଟୀକୁ ଅନୁପ୍ରବେଶ କରିବା ଉଦ୍ୟମରେ ଅଛନ୍ତି, କିନ୍ତୁ ସୁରକ୍ଷା ବଳ ଜାଗ୍ରତ ଅଛନ୍ତି ଓ ଏପରି କୌଣସି ଚେଷ୍ଟାକୁ ବିଫଳ କରିବା ପାଇଁ ସଜାଗ ଅଛନ୍ତି। ଆଇଜି ଅଶୋକ ଯାଦବ ଶ୍ରୀନଗରରେ ସାମ୍ବାଦିକଙ୍କ ସହ କଥାହୋଇ କହିଛନ୍ତି ଯେ, ଶୀତ ଋତୁ ଆରମ୍ଭ ହେବା *(ପୃଷ୍ଠା ୭ରେ)*

# ସେନାର ବଢ଼ିବ ଶକ୍ତି, ଯବାନଙ୍କୁ ରକ୍ଷା କରିବ ଅନନ୍ତ

**ନୂଆଦିଲ୍ଲୀ, ୨୭।୯**

ଭାରତୀୟ ସେନା ଏହାର ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ଏକ ନିର୍ଣ୍ଣାୟକ ପଦକ୍ଷେପ ନେଇଛି। ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ଦ୍ରୁତ ପ୍ରତିକ୍ରିୟା ପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ଅନନ୍ତ ଶସ୍ତ୍ରକୁ ସାମିଲ କରିବା ପାଇଁ ଏକ ପ୍ରସ୍ତାବ ଜରିଆରେ ଅନୁରୋଧ କରିଛି। ଏହା ସାମିଲ ହେବା ପରେ



ଟ୍ୟାଙ୍କ, ଯବାନଙ୍କ ଯୁଦ୍ଧ ଯାନ (ଯେପରିକି ବିଏମପି), ଏବଂ ତୋପ ମଧ୍ୟ ବିପଦରୁ ମଧ୍ୟ ସୁରକ୍ଷିତ ରହିବ।

ଅପରେସନ୍ ସିନ୍ଦୂର ସମୟରେ, ଭାରତୀୟ ସେନାର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଶତ୍ରୁ ବିରୁଦ୍ଧରେ ଏକ ଅଟଳ କାନ୍ଥ ପରି ଠିଆ ହୋଇ ନିଜର ଦକ୍ଷତା ପ୍ରମାଣିତ କରିଛି। ଅନନ୍ତ ଶସ୍ତ୍ର ସହିତ, ଏହି *(ପୃଷ୍ଠା ୭ରେ)*

# ଆଟର୍ଣ୍ଣି ଜେନେରାଲ୍‌ଙ୍କ କାର୍ଯ୍ୟକାଳ ୨ ବର୍ଷ ବୃଦ୍ଧି କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୨୭।୯**

କେନ୍ଦ୍ର ସରକାର ବରିଷ୍ଠ ଓକିଲ ଆର. ଭେଙ୍କଟରମଣିଙ୍କ କାର୍ଯ୍ୟକାଳକୁ ଆଟର୍ଣ୍ଣି ଜେନେରାଲ୍ ଭାବରେ ଦୁଇ ବର୍ଷ ପାଇଁ ବୃଦ୍ଧି କରିଛନ୍ତି। ଆଟର୍ଣ୍ଣି ଜେନେରାଲଙ୍କ ନୂତନ କାର୍ଯ୍ୟକାଳ ଅକ୍ଟୋବର ୧ ରୁ ଆରମ୍ଭ ହେବ। ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟ ଏନେଇ ଏକ ବିଜ୍ଞପ୍ତି ଜାରି କରିଛି।

## ଏକାଳ ପଖାଳ




ଆସିଥିଲେ ରାଇଜକୁ ମୋଦୀ
ପ୍ରକଳ୍ପ ବରଷା କଲେ
ଓଡ଼ିଶାକୁ ଆଗକୁ ନେବାକୁ
କେତେ କେତେ କୋଟି ଦେଲେ
ବିରୋଧୀ କମ୍ପିତ ହେଲେ
କାରସାଦୀ କିଛି କାମଦେଲା ନାହିଁ
ଯେତେ ଯାହା ଘେରିଥିଲେ।

# ଭାରତର ସଫଳତା ପାଇଁ ମୋଦୀଙ୍କୁ ପ୍ରଶଂସା କଲେ ପୁଟିନ



**ନୂଆଦିଲ୍ଲୀ, ୨୭।୯**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଏବଂ ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରଶଂସା କରିଛନ୍ତି ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ଦୁଇ ନେତାଙ୍କ ମଧ୍ୟରେ ଟେଲିଫୋନ ଜରିଆରେ ବାର୍ତ୍ତାଳାପ ସମୟରେ ପୁଟିନ ମୋଦୀଙ୍କ କାର୍ଯ୍ୟଶୈଳୀ ବେଶ ଉଚ୍ଚକୋଟୀର ବୋଲି କହିଛନ୍ତି। ଭାରତ ବାହ୍ୟ ପ୍ରଭାବରୁ ମୁକ୍ତ ରହି ଆର୍ଥିକ ଅଭିବୃଦ୍ଧିରେ ରେକର୍ଡ ହାସଲ କରିଛି ବୋଲି ପୁଟିନ କହିଛନ୍ତି। ପୁଟିନ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱ ଅଧୀନରେ ଭାରତ ସମ୍ପୂର୍ଣ୍ଣ ଭାବେ ସ୍ୱତନ୍ତ୍ର, ସାର୍ବଭୌମତ୍ୱ ନୀତି ଆପଣାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଆର୍ଥିକ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛି। ବିଶ୍ୱର ବଡ଼ ବଡ଼ ଅର୍ଥନୀତି ତୁଳନାରେ ଭାରତ ଉଚ୍ଚକୋଟୀର ଅଭିବୃଦ୍ଧି ହାସଲ କରିଛି।

ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପ ସମ୍ପର୍କରେ ଋଷର ଏକ ଟେଲିଭିଜନ ଚ୍ୟାନେଲରେ ରିପୋର୍ଟ ପ୍ରସାରଣ କରାଯାଇଛି । ମୋଦୀଙ୍କ ଜନ୍ମଦିବସରେ ପୁଟିନ ଟେଲିଗ୍ରାମରେ ଏକ ଶୁଭେଚ୍ଛା ବାର୍ତ୍ତା ଦେବାର କିଛି ସମୟ ମଧ୍ୟରେ ମୋଦୀ ତାଙ୍କୁ ଫୋନ କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଏପରି ବାର୍ତ୍ତାଳାପ ହୋଇଥିଲା।

# ୧ରେ ପୁଣି ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା



**ଭୁବନେଶ୍ୱର, ୨୭।୯ : ନ୍ୟୁଜ୍ ବ୍ୟୁରୋ**

ପାର୍ବଣକୁ ଫିକା କରିପାରେ ଲଘୁଚାପ ଜନିତ ବର୍ଷା। ଆସନ୍ତା ୧ ତାରିଖରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୩୦ ତାରିଖରେ ଆଣ୍ଡାମାନ୍ ସାଗରରେ ନୂଆ ଘୂର୍ଣ୍ଣିବଳୟ ପ୍ରବେଶ କରିବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର । ସେପଟେ କିଛି ଦିନ ହେବ ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ଫଳରେ ଅଧିକାଂଶ ନଦୀରେ ଜଳସ୍ତର ବଢିବାରେ ଲାଗିଛି । କିନ୍ତୁ କୌଣସି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉନାହିଁ । ରାଜ୍ୟରେ ଏବେ ବନ୍ୟା ପରିସ୍ଥିତି ନାହିଁ ବୋଲି କହିଛନ୍ତି ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ସେପ୍ଟେମ୍ବର, ରବିବାର ୨୦୨୫





# ସ୍ୱାଧୀନତାର ୭୭ବର୍ଷ ବିତିଯାଇଥିଲେ ବି ହୋଇପାରିଲାନି ଗ୍ରାମକୁ ଭଲ ରାସ୍ତା ଖଣ୍ଡିଏ

**କଲ୍ୟାଣସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ପଞ୍ଚାୟତ କଂସାରିଖାଲ ଗ୍ରାମର ରାସ୍ତା ଅତି ଶୋଚନୀୟ ହୋଇ ରହିଛି। ସ୍ୱାଧୀନତାର ୭୭ବର୍ଷ ବିତିଯାଇଥିଲେ ସୁଦ୍ଧା ଗ୍ରାମକୁ ଭଲ ରାସ୍ତା ଖଣ୍ଡିଏ ହୋଇପାରି ନାହିଁ। ସଦର ପଞ୍ଚାୟତର ୧୬ ନମ୍ବର ୱାର୍ଡ ରହିଛି। ବ୍ଲକ କାର୍ଯ୍ୟାଳୟ ଠାରୁ ପ୍ରାୟ ୫ କିମି ଦୂରରେ ଉକ୍ତ ଗ୍ରାମ ରହିଛି। କଲ୍ୟାଣସିଂହପୁର ଠାରୁ ପାର୍ଶାଲି ଯିବା ଆରଡ଼ି ରାସ୍ତା ଠାରୁ ୩ କିମି ଯିବା ପରେ ସେହିଠାରୁ ଡାହାଣ ପାର୍ଶ୍ୱରେ ଏକ ମାଟି ରାସ୍ତା ରହିଛି। ଉକ୍ତ ଖବର ପ୍ରକାଶ ପାଇବା ପରେ ବିକଶିତ ଗାଁ ବିକଶିତ ଓଡ଼ିଶା ଉଲ୍ଲେଖ ଥିବା ସୂଚନା ଫଳକରେ ରାୟଗଡ଼ା ଜିଲ୍ଲାପରିଷଦ ପକ୍ଷରୁ ୨୦୨୪-୨୦୨୫ ଆର୍ଥିକ ବର୍ଷରେ କଂସାରୀଖାଲ ଠାରେ କେବଳ ନାଳରେ ସିମେଣ୍ଟ ରାସ୍ତା ୪,୬୯,୨୩୨ ଟଙ୍କା (ଚାରି ଲକ୍ଷ ଅଣସ୍ତରି ହଜାର ଦୁଇ ଶହ ବତିଶି )ଟଙ୍କାରେ



ନିର୍ମାଣ କରିଛନ୍ତି ବୋଲି ସୂଚନା ଫଳକରେ ଉଲ୍ଲେଖ କରିଛନ୍ତି। ସେଥିରେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଉଲ୍ଲେଖ କରାଯାଇନି। ଏତେ ଟଙ୍କାରେ କେବଳ ନାଳରେ ସିମେଣ୍ଟ ରାସ୍ତା କରି ଦେଇ ଛାଡ଼ି ଦେଇଥିବା ଦେଖିବାକୁ ମିଳିଛି। ତାହା ମଧ୍ୟ ନିମ୍ନ ମାନର କାର୍ଯ୍ୟ କରିଥିବାରୁ ପକାଇଥିବା ଗୋଡ଼ି ଗୁଡ଼ିକ ବାହାରି ପଡ଼ିଲାଣି।

ପ୍ରକାଶ ଥାଉକି ଆରଡ଼ି ରାସ୍ତା ଠାରୁ କଂସାରିଖାଲ ଗ୍ରାମକୁ ପ୍ରାୟ ୨ କିମି ମାଟି ରାସ୍ତା ରହିଛି। ବର୍ତ୍ତମାନ ରାସ୍ତାଟି ଆବୁଡ଼ା ଖାବୁଡ଼ା ହୋଇ ରହିଛି। ସେହି ରାସ୍ତା ଚାଲିଚାଲି ଯିବା ବହୁତ କଷ୍ଟ ହେଉଛି। ବାଇକ୍ କି ସାଇକେଲରେ ଯିବା ବହୁ କଷ୍ଟ ହେଉଛି। ରୋଗୀ, ଗର୍ଭବତୀ, ଶିଶୁ ମାନଙ୍କୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ପାଇଁ ହେଲେ ଦୁଇ କିମି ଆରଡ଼ି ରାସ୍ତା ପର୍ଯ୍ୟନ୍ତ ବୋହି ଆଣିବା ପରେ ସେହି ଠାରୁ ରୋଗିବୁହା ଗାଡ଼ିରେ ଅବା ଅଟୋରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାକୁ ପଡୁଛି। ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ପଞ୍ଚାୟତ ଠାରୁ ବ୍ଲକ ପର୍ଯ୍ୟନ୍ତ ସମସ୍ତଙ୍କୁ ଗୁହାରି କରିବା ସହ ଯେତିକି ବିଡ଼ିଓ ଆସିଛନ୍ତି ସେମାନଙ୍କୁ କହି ଲିଖିତ ଦେଇଥିବା ଗ୍ରାମବାସୀ କହିଛନ୍ତି। ଉକ୍ତ ରାସ୍ତାରେ ଏମ୍‌ଜିଏନଆରଜିରେ ଦୁଇଥର ମାଟି ପକାଇ ଛାଡ଼ି ଦେଉଛନ୍ତି। କିନ୍ତୁ ଗ୍ରାମକୁ ସିମେଣ୍ଟ ରାସ୍ତା କି ପିଚୁ ରାସ୍ତା କରାଯାଉନାହିଁ। ସାମାନ୍ୟ ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟାତ କରିବା ବହୁତ ଅସୁବିଧାର ସମ୍ମୁଖୀନ ହେଉଛି। ସରକାର ଉକ୍ତ ରାସ୍ତା ପ୍ରତି ଦୃଷ୍ଟି ଦେଇ ତୁରନ୍ତ ମରାମତି ନ କଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ପଛାଇବୁ ନାହିଁ ବୋଲି ହୁଇକା ଲାଇମାଝୀ, ହୁଇକା ସନାମାଝୀ, କୁର୍ସିକା ହରି, କୁର୍ସିକା ବୁଦରା, କୁର୍ସିକା ସନ୍ଦର ପ୍ରମୁଖ ଅଭିଯୋଗ କରିଛନ୍ତି।

# ପୂର୍ଣ୍ଣ ନିଶା ନିବାରଣ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବ ନିଷ୍ପତ୍ତି ଅନୁଯାୟୀ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଅବିଭକ୍ତ ସମ୍ବଲପୁରର ଜିଲ୍ଲା ସଭାପତି ସୁବାସ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଓ ବିଶେଷ କରି ଟାଇଁସର ପଞ୍ଚାୟତକୁ ନିଶାମୁକ୍ତ ପାଇଁ ସମସ୍ତ ବେନିୟମ ମଦ ଭାଟିକୁ ବନ୍ଦ କରିବାକୁ ଦାବି କରାଯାଇଛି। ଅଭିଯାନର କର୍ମକର୍ତ୍ତା ତଥା ଏହି ପଞ୍ଚାୟତର ମହିଳା ପ୍ରତିନିଧି ଗଣ ବିଭିନ୍ନ ପ୍ଲାକାର୍ଡ ଧରି ସହର ପରିକ୍ରମା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ପରେ ଉପ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନକୁ ସଭାପତି ଶ୍ରୀ ନାୟକଙ୍କ ସମେତ ଟାଇଁସର ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର କିସାନ, କରୁଣା କର କିସାନ, ଅନିତା ସିଂହ, ସୁମତି କିସାନ, ନିରୁପମା ସିଂ, ଡ଼ଲି ପଟେଲ, କୁଞ୍ଜଲତା ପଟେଲ, ଅହଲ୍ୟା ରଣା, ପ୍ରିୟଙ୍କା ସିଂ, ରଶ୍ମିତା ବାଗ, ପ୍ରେମଲତା ବାଗ, ପ୍ରସନ୍ନ ରଣା ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଦାବିପତ୍ରରେ କୁଚିଣ୍ଡା ବ୍ଲକ ଟାଇଁସର ପଂଚାୟତକୁ ନିଶାମୁକ୍ତ କରିବା, ପ୍ରସ୍ତାବିତ ୭୦ ମଦଭାଟି ଖୋଲିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ନିଶା ନିବାରଣ କର୍ମୀ ସୁବାସ ନାୟକ, କରୁଣା କିସାନ ଓ ଭୋଜପୁରୀ ଅଞ୍ଚଳର ମହିଳା କର୍ମୀଙ୍କ ବିରୋଧରେ ଥିବା ମିଛ କେସ ପ୍ରତ୍ୟାହାର କରିବା ଆଦି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ପରେ ସ୍ୱେଚ୍ଛାସେବୀ ଗଣ ଅବକାରୀ ଇନ୍‌ସପେକ୍ଟର ଓ ଏସ୍‌ଡିପିଓଙ୍କୁ ମଧ୍ୟ ଦାବିପତ୍ରର ନକଲ ପ୍ରଦାନ କରାଯାଇଥିଲା।

# ଯୋଗାଣ ସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ୧୬୦ବସ୍ତା ଚାଉଳ ଚୋରି ହେବା ଘଟଣା : ରାସନ ଚାଉଳ ପାଇବା ଚିନ୍ତାରେ ହିତାଧିକାରୀ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ବାରସର ପଞ୍ଚାୟତ ଅଧୀନ ତିଆଡ଼ିସାହି ଗ୍ରାମସ୍ଥିତ ଯୋଗାଣ ସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ଶନିବାର ରାତିରେ ୧୬୦ବସ୍ତା ଚାଉଳ ଚୋରି ହୋଇଥିଲା। ଏ ସମ୍ପର୍କରେ ନୂଆବନ୍ଧ ଗ୍ରାମର ରିଟେଲର ଭାଗିରଥି ବେହେରା ରବିବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ସୋମବାର ତଦନ୍ତ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ଚୋରି ହୋଇଥିବା ଚାଉଳର କୌଣସି ସନ୍ଧାନ ମିଳିପାରି ନଥିବାବେଳେ ଚୋରକୁ ଧରିବାରେ ପୋଲିସ୍ ଅସମର୍ଥ ହୋଇଛି। ଯୋଗାଣ ସାମଗ୍ରୀ ବଣ୍ଟନ କେନ୍ଦ୍ରରୁ ଚୋରି ହୋଇଥିବା ଚାଉଳ ସେମାନେ କିପରି ପାଇବେ, ସେ ନେଇ ହିତାଧିକାରୀମାନେ ଚିନ୍ତାରେ ପଡ଼ିଛନ୍ତି। ଚୋରି ହୋଇଥିବା ୧୬୦ବସ୍ତା ଚାଉଳକୁ ରିଟେଲର ହିଁ ଭରଣା କରିବେ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଯେଉଁଥିପାଇଁ ରିଟେଲର ଶ୍ରୀ ବେହେରା ବଡ଼ ଦୁଶ୍ଚିନ୍ତାରେ ପଡ଼ିଛନ୍ତି। ପ୍ରକାଶଯୋଗ୍ୟ ଯେ ରିଟେଲର ଶ୍ରୀ ବେହେରା ବାରସର ପଞ୍ଚାୟତର ୨୨ଟି ୱାର୍ଡ଼ର ହିତାଧିକାରୀମାନଙ୍କୁ ରେସନ ଚାଉଳ ବଣ୍ଟନ ଦାୟିତ୍ୱରେ ରହିଛନ୍ତି। ସେ ତିଆଡ଼ିସାହିସ୍ଥିତ ମାର୍କେଟ କମ୍ପ୍ଲେକ୍ସରେ ଭଡ଼ାସୂତ୍ରରେ ଏକ ଘର ନେଇ ସେଠାରେ ଚାଉଳ ମହଜୁଦ କରି ହିତାଧିକାରୀମାନଙ୍କୁ ବଣ୍ଟନ କରୁଥିଲେ। ତେବେ ରିଟେଲର ଶ୍ରୀ ବେହେରା ଶନିବାର କେତେକ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରି ବଣ୍ଟନ କେନ୍ଦ୍ରରେ ତାଲା ପକାଇ ଘରକୁ ଯାଇଥିଲେ। ପରଦିନ ସକାଳେ ସେ ଚାଉଳ ବଣ୍ଟନ କରିବାକୁ ଯାଇ ଚାଉଳ ଚୋରି ହୋଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲେ। ପରେ ୧୬୦ ବସ୍ତାରୁ ଊର୍ଦ୍ଧ୍ୱ ଚାଉଳ ଚୋରି ହୋଇଯାଇଥିବା ସେ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଚାଉଳ ଚୋରି ହେବା ପରେ ଶତାଧିକ ହିତାଧିକାରୀ ଚାଉଳ ପାଇବା ନେଇ ଆଶଙ୍କାରେ ରହିଛନ୍ତି। ତେବେ ହିତାଧିକାରୀମାନେ କିପରି ଚାଉଳ ପାଇପାରିବେ ସେ ଦିଗରେ ଯୋଗାଣ ବିଭାଗ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ପ୍ରତିଶ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସୁରକ୍ଷିତ ଭାବେ ଯୋଗାଣ ସାମଗ୍ରୀ ରଖି ସୁଚାରୁରୂପେ ବଣ୍ଟନ କରିବା ରିଟେଲରଙ୍କ ଦାୟିତ୍ୱ। ବାକିଥିବା ହିତାଧିକାରୀଙ୍କୁ ରିଟେଲର ଚାଉଳ ବଣ୍ଟନ କରିବେ।

# ରେଳ ଷ୍ଟେସନରୁ ବାଇକ୍ ଚୋରି

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ବାରିପଦା ଷ୍ଟେସନ ବଜାର ସ୍ଥିତ ରେଳ ଷ୍ଟେସନରୁ ବାଇକ୍ ଚୋରି ହୋଇଯାଇଛି। ଏନେଇ ଝାଡ଼ଖଣ୍ଡ ରାଜ୍ୟ ଡୁମୁରିଆ ଅଞ୍ଚଳର ମୋହନ ସୋରେନ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଷ୍ଟେସନ ସମ୍ମୁଖରେ ବାଇକ୍ ପାର୍କିଂ କରି ଯାଇଥିଲେ। ତେବେ ଫେରି ଦେଖିବା ବେଳକୁ ବାଇକ୍ ନଥିଲା। ବହୁ ଖୋଜା ଖୋଜି କରିବା ପରେ ମଧ୍ୟ ନପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ମାଙ୍କଡ଼ଝୋଲା ରାସ୍ତାରେ ଧସିଲା ମାଟି ଅତଡ଼ା : ଭୟରେ ସ୍ଥାନୀୟ ଲୋକେ



**ଖଇରପୁଟ, ନ୍ୟୁଜ୍‌ବ୍ୟୁରୋ**

ବଣ୍ଡାଘାଟି ଅଞ୍ଚଳକୁ ଯାତାୟାତ କରିବା ଆଉଥରେ ବିପଦପୂର୍ଣ୍ଣ ହୋଇଛି। ଖଇରପୁଟ ବ୍ଲକ ସଦର ମହକୁମାରୁ ବଣ୍ଡାଘାଟିକୁ ଯାଇଥିବା ମୁଖ୍ୟ ରାସ୍ତା ମାଙ୍କଡ଼ଝୋଲା ନିକଟରେ ପୁଣିଥରେ ରାସ୍ତା ତଳୁ ମାଟି ଧସିଛି। ଗତ କିଛିଦିନ ଧରି ଅନବରତ ପ୍ରବଳ ବର୍ଷା କାରଣରୁ ପାହାଡ଼ରୁ ଆସୁଥିବା ବର୍ଷାଜଳ ସିଧାସଳଖ ରାସ୍ତା ଉପରେ ପଡୁଥିବାରୁ ରାସ୍ତାର ତଳଭାଗ ଅତରା ଧସିଛି। ରାସ୍ତାର ଏକାଧିକ ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଯାତାୟାତ ସ୍ୱାଭାବିକ ରହିପାରୁନି। ଖବର ପାଇ ଖଇରପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାଶଙ୍କର କୋୟା ଓ ତହସିଲଦାର ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି। ପ୍ରବଳ ବର୍ଷା ଜାରି ରହିଲେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବାର ସମ୍ଭାବନା ରହିଛି। ବିଗତ ବର୍ଷ ମଧ୍ୟ ଏହି ସ୍ଥାନରେ ମାଟି ଅତଡ଼ା ଧସିବା ଯୋଗୁଁ ଦୀର୍ଘ ଦିନ ପର୍ଯ୍ୟନ୍ତ ବଣ୍ଡା ଘାଟିକୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପୁଣିଥରେ ତାହାର ପୁନରାବୃତ୍ତି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ଖେଳି ଯାଇଛି।

# ଏଣିକି ସିସିଟିଭି ନଜରରେ ରହିବ ଖୋର୍ଦ୍ଧା ଶିଳ୍ପାଞ୍ଚଳ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଏଣିକି ସିସିଟିଭି ନଜରରେ ରହିବ ଖୋର୍ଦ୍ଧା ଶିଳ୍ପାଞ୍ଚଳ। ଏଥିପାଇଁ ଖୋର୍ଦ୍ଧା ବରୁଣେଇ ସ୍ଥିତ ଶିଳ୍ପାଞ୍ଚଳର ଶିଳ୍ପ ପ୍ରତିନିଧିଙ୍କୁ ନେଇ ଖୋର୍ଦ୍ଧା ଏସ୍‌ପି ବିବେକାନନ୍ଦ ଶର୍ମା ଖୋର୍ଦ୍ଧା ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଶିଳ୍ପାଞ୍ଚଳ ସୁରକ୍ଷା ସଂକ୍ରାନ୍ତୀୟ ଏକ ସମୀକ୍ଷା ବୈଠକ କରିଛନ୍ତି। ଶିଳ୍ପାଞ୍ଚଳ ସଂସ୍ଥାଗୁଡ଼ିକର ପ୍ରତିନିଧିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଏସ୍‌ପି ଆଲୋଚନା କରିଥିଲେ। ଏପରିକି ଆଭ୍ୟନ୍ତରୀଣ ସମସ୍ୟା, ଶିଳ୍ପାନୁଷ୍ଠାନର ଭିତର ଓ ବାହାରେ ସିସିଟିଭି, ସିକ୍ୟୁରିଟି ଗାର୍ଡ଼ମାନଙ୍କୁ ତାଲିମ, କର୍ମଚାରୀମାନଙ୍କ ଡକ୍ୟୁମେଣ୍ଟେସନ, ପୁଲିସ ଭେରିଫିକେସନ୍, ଦାଦା ବଟି, ଲୁଟପାଟ ଭଳି ଅନେକ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କୌଣସି ଶିଳ୍ପସଂସ୍ଥା ଏଭଳି ସମସ୍ୟାର ସମ୍ମୁଖୀନ ହେଲେ ନିକଟସ୍ଥ ଥାନା ଅଥବା ୧୧୨କୁ କଲ କରିବାକୁ ଏସ୍‌ପି ପରାମର୍ଶ ଦେଇଛନ୍ତି।

# ବରିଷ୍ଠଙ୍କ ପାଇଁ ଏମ୍‌ସିଏଲ୍ ମଲ୍‌ଟିପୁଲ ବିଲ୍‌ଡିଂ ନିର୍ମାଣ କରିବ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ପାଇଁ ମହାନଦୀ କୋଲ୍ ଫିଲଡ୍ ଲିମିଟେଡ୍ (ଏମ୍‌ସିଏଲ୍) ଭଦ୍ରକ ସହରାଞ୍ଚଳରେ ଏକ ମଲ୍‌ଟି ପ୍ରପୋଜ ବିଲ୍‌ଡିଂ ନିର୍ମାଣ କରିବା ପାଇଁ ସମ୍ମତି ପ୍ରକାଶ କରିଛି। ପ୍ରକାଶଯୋଗ୍ୟ ବରିଷ୍ଠ ନାଗରିକମାନଙ୍କ ଅନୁରୋଧ କ୍ରମେ ସାଂସଦ ଅଭିମନ୍ୟୁ ସେଠୀ ଏମ୍‌ସିଏଲ୍ ଅଧ୍ୟକ୍ଷଙ୍କୁ ଏହି ବିଲ୍‌ଡିଂ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ଅନୁଯାୟୀ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଜିଲ୍ଲା ପ୍ରଶାସନକୁ ଭଦ୍ରକ ପୌରାଞ୍ଚଳରେ ଏକ ମଲ୍‌ଟିପୁଲ୍ ବିଲ୍‌ଡିଂ ନିର୍ମାଣ ପାଇଁ ଜାଗା ଦେବାକୁ ଚିଠି କରିଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକ ମହାସଂଘର ବୈଠକରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଓ ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ପୌରାଞ୍ଚଳରେ ସ୍ଥାନ ନିରୂପଣ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବିଧାୟକ ପାଣ୍ଠି ବିନିଯୋଗ ଦିଗରେ ଅନ୍‌ଲାଇନ୍ ପ୍ରଶିକ୍ଷଣ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲାର ସମସ୍ତ ବିଡିଓ, ସହକାରୀ ଯନ୍ତ୍ରୀମାନଙ୍କୁ ବିଧାୟକଙ୍କ ସୁପାରିସ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଧାରା, ସେଗୁଡିକର ଆର୍ଥିକ ଅନୁଦାନ, ପରୀକ୍ଷଣ, ଅନୁମୋଦନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ପାୱାର ପଏଂଟ ଉପକରଣରେ ପ୍ରଶିକ୍ଷଣ ଦିଆଯାଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପନିର୍ଦ୍ଦେଶକ, ଯୋଜନା ଓ ପରିସଂଖ୍ୟାନ ଶଙ୍କର ବେହେରା ଯୋଗ ଦେଇଥିଲେ। ବିଧାୟକଙ୍କ ତିନି ଗୋଟି ବିଭାଗରେ ଯଥା ସାଧାରଣ, ଶିକ୍ଷା ଏବଂ ରାସ୍ତା ଜନିତ ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ସୁପାରିସଗୁଡ଼ିକୁ କିଭଳି ଅନଲାଇନରେ କାର୍ଯ୍ୟ ସମ୍ପାଦନ କରାଯିବ ସେ ସମ୍ବନ୍ଧରେ ବିସ୍ତୃତ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ଅନ ଲାଇନ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟଗୁଡ଼ିକ ଦ୍ରୁତ ଗତିରେ ସମ୍ପାଦିତ ହେବାସହ ସର୍ବସାଧାରଣ ଏହାର ସଫଳ ଫାଇଦା ନେଇ ପାରିବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଦଶ ଲକ୍ଷରୁ ଅଧିକ ପ୍ରକଳ୍ପଗୁଡ଼ିକର ସୁପାରିସ ଆସିଲେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବୈଷୟିକ ଅନୁମୋଦନ ଏବଂ ଜିଲ୍ଲାପାଳ ପ୍ରଶାସନିକ ଅନୁମୋଦନ କରିବେ। ଯେଉଁ ପ୍ରକଳ୍ପ ଗୁଡ଼ିକ ଗ୍ରହଣ ଯୋଗ୍ୟ ନୁହେଁ ସେଗୁଡିକୁ ଜିଲ୍ଲାପାଳ ବିଧାୟକଙ୍କ ନିକଟକୁ ଅନଲାଇନରେ ପ୍ରେରଣ କରିବେ। ଉକ୍ତ ପ୍ରକଳ୍ପ ଗୁଡ଼ିକର ପ୍ରତ୍ୟାଖାନ ବିଧାୟକ କରିବେ। ଏଥି ସହ ବିଡିଓ ଏବଂ ସହକାରୀ ଯନ୍ତ୍ରୀମାନଙ୍କ ସ୍ତରରେ ଅନଲାଇନ୍ କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବୈଠକରେ ସମସ୍ତ ବିଡିଓ, ସମସ୍ତ ସହକାରୀ ଯନ୍ତ୍ରୀ, ବୈଷୟିକ ପରାମର୍ଶଦାତା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଏବଂ ଯୋଜନା ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

# ଅଗ୍ନିବିପନ୍ନ ପରିବାରଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ସହାୟତା ପ୍ରଦାନ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତ ଦାସସାହି ଗ୍ରାମର ଅଗ୍ନିବିପନ୍ନ ପରିବାରଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସହାୟତା ଯୋଗାଇ ଦିଆଯାଇଛି। ସୂଚନା ମୁତାବକ, ଦାସସାହି ଗ୍ରାମର ବଟକୃଷ୍ଣ ଦାସଙ୍କ ଚାଳ ଘରକୁ ଭଡ଼ାସୂତ୍ରରେ ନେଇ ବାରିଣି ରାଉତ ଓ ତାଙ୍କ ପତ୍ନୀ ରହୁଥିଲେ। ଶନିବାର ଅପରାହ୍ନ ସମୟରେ ଅଚାନକ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ଓ ବିଜୁଳି ମାରିବା ଫଳରେ ହଠାତ୍ ଚାଳଘରେ ନିଆଁ ଲାଗି ଜଳିଯାଇଥିଲା। ଏ ଖବର ପାଇ ଅସହାୟ ବନ୍ଧୁ ପରିବାର ସଦସ୍ୟ ପହଞ୍ଚି ଅଗ୍ନି ବିପନ୍ନଙ୍କ ସମସ୍ୟା ବୁଝି ରାତିରେ ରହିବାର ବ୍ୟବସ୍ଥା କରିବା ସହ ଦୁଇ ମାସର ରାସନ ସାମଗ୍ରୀ ସହାୟତା କରିଥିଲେ। ସେହିପରି ଭାବେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସଦସ୍ୟଙ୍କ ସହ ବିଜେପି ଯୁବନେତା ଅଭିଷେକ ରାଉତ, ଶିଶିର ମାହାଣା ଓ ଅନ୍ୟ ସଦସ୍ୟମାନେ ପହଞ୍ଚି ବାରିଣିଙ୍କ ସମସ୍ୟା ପଚାରି ବୁଝିବା ସହ ରାସନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଗଞ୍ଜାମ ପ୍ରେସ୍ କ୍ଲବ ପକ୍ଷରୁ ବନ୍ଧୁ ମିଳନ




**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ସହର ସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରେ ଗଞ୍ଜାମ ପ୍ରେସ୍ କ୍ଲବ ପକ୍ଷରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ କ୍ଲବ ସଭାପତି ଶବର କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭା ହୋଇଥିଲା। ସମ୍ପାଦକ ବିଦ୍ୟାଧର ସାହୁ ପୂର୍ବ ବୈଠକର ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ କ୍ଲବ ପକ୍ଷରୁ ଆଲୋଚନା ଚକ୍ର କରାଯିବା ନେଇ ସ୍ଥିର କରାଯାଇଥିଲା। ଛତ୍ରପୁର ପ୍ରେସ କ୍ଲବ କର୍ମକର୍ତ୍ତା ପହଞ୍ଚିବା ପରେ ସମସ୍ତଙ୍କୁ ସ୍ୱାଗତ କରାଯିବା ସହ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ପ୍ରେସ କ୍ଲବ ନୂତନ ସଭାପତି ସରୋଜ କୁମାର ସାମଲ, ଉପସଭାପତି ପ୍ରଦୀପ କୁମାର ସାହୁ, ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, ପୂର୍ବତନ କ୍ଲବ ସଭାପତି (ଛତ୍ରପୁର )ପ୍ରଶାନ୍ତ କୁମାର ମହାରଣା ପ୍ରମୁଖଙ୍କୁ ଏହି ଉପଲକ୍ଷେ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଗଞ୍ଜାମ ପ୍ରେସ କ୍ଲବ ଉପଦେଷ୍ଟା ଉମାକାନ୍ତ ବେହେରା, ଉପସଭାପତି ବିଜଲକ୍ଷ୍ମୀ ମହାଙ୍କୁଡ଼, କୋଷାଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା, ସହ ସମ୍ପାଦକ ନିରଞ୍ଜନ କୁମାର ପରିଡ଼ା, ଶ୍ରୀକାନ୍ତ ମହାନ୍ତି, ବସନ୍ତ ମହାରଣା, ଦିଲ୍ଲୀପ ସାମଲ, ଭଗବାନ ଦାଶ, ମୁରଲୀ ପ୍ରଧାନ, ସନ୍ତୋଷ କୁମାର ସାହୁ, ଦୁର୍ଗା ମାଧବ ପାଣିଗ୍ରାହୀ, ଦିଲ୍ଲୀପ କୁମାର ସାମାଲ, ରାକେଶ ରଞ୍ଜନ ଦାସ, ସୁଧୀର କୁମାର ପାଢ଼ୀ, ମନୋଜ ପ୍ରଧାନ, ବଟକୃଷ୍ଣ ରାଉଳ, କେ. ରଜନୀକାନ୍ତ ରେଡ଼ି, ରାକେଶ କୁମାର ନାୟକ, ବନବାସୀ ସେଠି, ଶିବାନନ୍ଦ ପଲାଇ, କୃଷ୍ଣ ଚନ୍ଦ୍ର ଦାସ, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଛତ୍ରପୁର, ଗଞ୍ଜାମ ପ୍ରେସ କ୍ଲବ୍‌ର ସାମ୍ବାଦିକ ବୃନ୍ଦ ଉପସ୍ଥିତ ଥିଲେ।

# ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଶିକ୍ଷକଙ୍କ ଅଭିନବ ପ୍ରୟାସ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଏଠାରେ କୋୟା, ବଣ୍ଡା, ଦିଦାୟୀ, ପରଜା ଭଳି ୧୬ଟି ଆଦିବାସୀ ଜନଜାତି ବସବାସ କରୁଥିବା ବେଳେ ଏମାନଙ୍କ କଳା, ପରମ୍ପରା ଓ ସଂସ୍କୃତି ଅତ୍ୟନ୍ତ ନିଆରା। ତେବେ ବର୍ତ୍ତମାନ ଆଧୁନିକତାର ଚାକଚକ୍ୟରେ ଆଦିବାସୀ କଳା ସଂସ୍କୃତି ଲୋପ ପାଉଥିବା ବେଳେ ଏହାକୁ ବଞ୍ଚାଇ ରଖିବା ପାଇଁ ମାଲକାନଗିରି ଜିଲ୍ଲା ତଣ୍ଡିକି ଆଶ୍ରମ ବିଦ୍ୟାଳୟର ସହକାରୀ ଶିକ୍ଷକ ଡି. ଜଗନ୍ନାଥ ରାଓ ଅଭିନବ ଉପାୟ ଆପଣେଇଛନ୍ତି। ବିଦ୍ୟାଳୟର ଛାତ୍ର-ଛାତ୍ରୀଙ୍କୁ ନେଇ ଶିକ୍ଷାଦାନ ସହ ଏକ ଲୋକକଳା ସଂଗଠନ ଗଠନ କରି ଆଦିବାସୀ ପରମ୍ପରା ନୃତ୍ୟ, ସଙ୍ଗୀତ, ପର୍ବପର୍ବାଣି, ପରମ୍ପରା ବିଧିକୁ ସେମାନଙ୍କ ପାରମ୍ପରିକ ପୋଷାକ, ବାଦ୍ୟଯନ୍ତ୍ର ଆଦି ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏଥିସହ ବିରତି ସମୟରେ ସେମାନଙ୍କୁ ସଙ୍ଗୀତ, ନାଟକ, ଶିକ୍ଷା ମଧ୍ୟ ଦେଉଛନ୍ତି। ନିଜସ୍ୱ ଖର୍ଚ୍ଚରେ ଏହି ପରମ୍ପରା ସମ୍ପର୍କରେ ସଚେତନତା କରୁଥିବା ବେଳେ ମାଲ୍ୟବନ୍ତ ମହୋତ୍ସବ ଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ରାଜ୍ୟ ସ୍ତରରେ ଏହି ଛାତ୍ରଛାତ୍ରୀଙ୍କୁ ନେଇ ଆଦିବାସୀ ପରମ୍ପରାର ପରିବେଷଣ କରାଇ ପୁରସ୍କୃତ ମଧ୍ୟ ହୋଇଛନ୍ତି। ଶ୍ରୀ ରାଓଙ୍କ କହିବା କଥା, ତାଙ୍କ ତିନିପୁରୁଷ ଧରି ମାଲକାନ-ଗିରିରେ ବସବାସ କରୁଛନ୍ତି। ପୂର୍ବରୁ ମାଲକାନଗିରି ଜିଲାରେ ଯେଉଁ ଆଦିବାସୀ ସଂସ୍କୃତି ରହିଥିଲା ତାହା ଏବେ ଲୋପ ପାଇବାକୁ ବସିଛି। ଆଦିବାସୀ ନିଜ ପରମ୍ପରାକୁ ସମ୍ପୂର୍ଣ୍ଣ ଭୁଲିଯାଇ ସହରୀ ପରମ୍ପରାକୁ ଆପଣାଉଥିବାରୁ ତାଙ୍କୁ ବିବ୍ରତ କରିଛି। ସେ ମଙ୍ଗଳ ବିଭାଗରେ ଶିକ୍ଷକତା କରୁଥିବା ବେଳେ ଆଗାମୀ ପିଢ଼ି ଯେଭଳି ଆଦିବାସୀ ସଂସ୍କୃତିକୁ ଭୁଲି ନ ଯାଆନ୍ତି ସେଥିପାଇଁ ସେ ଏହି ଛାତ୍ରଛାତ୍ରୀଙ୍କୁ ନେଇ ମାଲକାନଗିରି ଜିଲ୍ଲାରେ ଆଦିବାସୀ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ପ୍ରୟାସ ଜାରି ରଖିଥିବା କହିଛନ୍ତି। ଆଗାମୀ ଦିନରେ ଯଦି ଏହି ଲୋକ ସଂଗଠନକୁ ସରକାରୀ ମାନ୍ୟତା ଓ ସହାୟତା ମିଳିଲା ଏହାକୁ ରାଜ୍ୟ ଠାରୁ ଅନ୍ୟ ରାଜ୍ୟକୁ ମଧ୍ୟ ପ୍ରଚାର ପ୍ରସାର କରିବେ ବୋଲି ପ୍ରକାଶ କରିଛନ୍ତି ଶ୍ରୀ ରାଓ। ତାଙ୍କର ଏହି ପ୍ରୟାସକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ଗୋଚର ଓ ଜଙ୍ଗଲ ଜମିକୁ ଜବରଦଖଲ : ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଗୋଚର ଓ ଜଙ୍ଗଲ ଜମିକୁ ଜବରଦଖଲ ହୋଇଥିବା ନେଇ ଜୟପୁର ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ। ସମାଜସେବୀ ବି. ହରି ରାଓଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ବୋରିଗୁମ୍ମା ତହସିଲ ଅନ୍ତର୍ଗତଃ ଶଶାହାଣ୍ଡି ରାଜସ୍ୱ ମଣ୍ଡଳ ଅଧିନସ୍ଥ ବାମୁଣୀଆଗୁଡ଼ା ଗ୍ରାମବାସୀ ସମୂହ ଭାବେ ଲେଖି ଜଣାଇଥିବା ଅଭିଯୋଗ ଦରଖାସ୍ତ ଏହି କି, ଆମ୍ଭ ବୈରାଗି-ପଦର ମୌଜାରେ ପ୍ରାୟ ରକବା ଏ. ୧୦୦.୦୦ ସେଣ୍ଟରୁ ଊର୍ଦ୍ଧ ଗୋଚର ଓ ଜଙ୍ଗଲ ଜମି ରହିଛି। ଉକ୍ତ ଜମିରେ ଗାଇ ଗୋରୁ ଚରାଇ ଜୀବିକା ନିର୍ବାହ କରି କରୁଛନ୍ତି। ଜଙ୍ଗଲ ଜମିକୁ ମଧ୍ୟ ଗ୍ରାମବାସୀ ସୁରକ୍ଷା ଦେଇଛନ୍ତି। କିନ୍ତୁ ବୈରାଗିପଦର ଗ୍ରାମର କିଛି ମୁଷ୍ଟିମେୟ ବ୍ୟକ୍ତି ପଞ୍ଚାୟତ ରୋପଣ କରିଥିବା ଲେମ୍ବୁ ଗଛ, ଆମ୍ବ ଗଛ, ନିମ୍ବ ଗଛ ଓ ପିଜୁଳି ଗଛ ଇତ୍ୟାଦିକୁ ଉପାଡ଼ି ଦେଇ ଉକ୍ତ ଜମି ମଧ୍ୟରେ ପ୍ରାୟ ଦଶ ଏକର ଜମି ଉପରେ ମକା ଚାଷ କରି ଆସୁଛନ୍ତି। ଫଳତଃ ଆମ୍ଭେ ଗ୍ରାମବାସୀ ଗାଇ ଗୋରୁ ଚରାଇବାରୁ ବଞ୍ଚିତ ହେଉଛୁ। ଏମିତିକି ଗାଇ ଚରାଇବାକୁ ମଧ୍ୟ ଜମି ନାହିଁ। ସେମାନେ ବିନା ଅନୁମତିରେ କିଭଳି ଦଖଲ କରୁଛନ୍ତି ତାହା ତଦନ୍ତ ସାପେକ୍ଷ। ଏହି ବିଷୟ ନେଇ ପଚାରିଲେ ଗଣ୍ଡଗୋଳକୁ ଆସୁଛନ୍ତି। ଏହି ବିଷୟରେ ଆଗରୁ ମଧ୍ୟ ଆମ୍ଭେମାନେ ତହସିଲଦାର, ବୋରିଗୁମ୍ମାଙ୍କୁ ଜଣାଇଥିଲେ ହେଁ ଏ ପର୍ଯ୍ୟନ୍ତ ଏହାରି ଉପରେ କିଛି ତଦନ୍ତ ନକରିବାରୁ ଗ୍ରାମବାସୀ ଉପ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇ ଥିଲେ। ଏହାର ଉପଯୁକ୍ତ ତଦନ୍ତ କରି ତୁରନ୍ତ ସେମାନେ ଜବରଦଖଲ କରିଥିବା ଗୋଚର ଓ ଜଙ୍ଗଲ ଜମିକୁ ମୁକ୍ତ କରି ଉଚିତ ନ୍ୟାୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହାର ଏକକିତା ନକଲ ଜିଲ୍ଲାପାଳ, କୋରାପୁଟଙ୍କ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି।

## ଅକ୍ଟୋବର ୧୦ରେ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ

# ସମ୍ବର୍ଦ୍ଧିତ ହେବେ ମିଶା ବନ୍ଦୀ ଓ ସ୍ୱାଧୀନତା ସଂଗ୍ରାମୀ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଅକ୍ଟୋବର ୧ ତାରିଖ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଦୁର୍ଗାପୂଜା ପଡୁଥିବାରୁ ଅକ୍ଟୋବର ୧୦କୁ ଏହି ଦିବସ ପାଳନ କରାଯିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ଅକ୍ଟୋବର ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଦ୍‌ଭାବନା ଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ବୈଠକରେ ଟାଉନ୍ ହଲ ଠାରେ ଏହି ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଦିବସ ପାଳନ ହେବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଏଥର ବ୍ଲକ୍ ସ୍ତରରେ ଏହି ଦିବସ ପାଳନ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିବେଟ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାପାଳ ଶ୍ରୀ ରାଉତରାୟ ଏହି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ବ୍ୟବସ୍ଥିତ ଢଙ୍ଗରେ କରି ଏକ ସୁନ୍ଦର ବାର୍ତ୍ତା ଦେବାକୁ ମତପ୍ରକାଶ କରିଥିଲେ। ଗାଁ ଗହଳିରୁ ଆସିଥିବା ବୟୋଜ୍ୟେଷ୍ଠମାନଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ଓ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇଦେବାକୁ ସାମାଜିକ ସୁରକ୍ଷା ଅଧିକାରୀ ତଥା ବରିଷ୍ଠ ନାଗରିକ ମହାସଂଘର କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ମିଶାବନ୍ଦୀମାନଙ୍କୁ ଏହି ଦିବସ ପାଳନ ଅବସରରେ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ସୂଚନା ଅନୁଯାୟୀ ସକାଳ ୭.୪୫ ରୁ ୮.୩୦ ପର୍ଯ୍ୟନ୍ତ ଯୋଗାସନ, ୯.୧୫ ରୁ ୧୦.୧୫ ବରିଷ୍ଠମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା ଡାକ୍ତରମାନଙ୍କ ଦ୍ୱାରା କରାଯିବାର ବ୍ୟବସ୍ଥା ରହିଛି। ଏହାବ୍ୟତୀତ ଆଣ୍ଠୁଗଣ୍ଠି ଜନିତ ରୋଗ କାରଣରୁ ଚାଲିବାରେ କଷ୍ଟ ପାଉଥିବା ବରିଷ୍ଠମାନଙ୍କୁ ନି କେପ୍, ଆଶା ବାଡ଼ି ପ୍ରଦାନ କରାଯିବ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯିବ। ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲାପାଳ ସରୋଜ ଦତ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ସାମାଜିକ ସୁରକ୍ଷା ଅଧିକାରୀ ସୁବାଷ ଚନ୍ଦ୍ର ନାୟକଙ୍କ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସମାଜମଙ୍ଗଳ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ଏହାବ୍ୟତୀତ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘର ସଭାପତି ଲଳାଟେନ୍ଦୁ ମହାନ୍ତି, ସଂପାଦକ କୈଳାସ ମହାପାତ୍ର, ପଦ୍ମନ ରାୟ, ରାଧାରାଣୀ ମହାପାତ୍ର, ଇନ୍ଦ୍ରମଣି ପଣ୍ଡା, ସୁଧାକର ରାଉତ, ବିଚିତ୍ରାନନ୍ଦ ମହାନ୍ତି, ଡାକ୍ତର ଭଗବାନ ପରିଡ଼ା ପ୍ରମୁଖ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଜେଲ୍ ରୋଡ୍ ହେବ ନୋ ପାର୍କିଂ ଜୋନ୍

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଜେଲ ରୋଡ୍ ଅଞ୍ଚଳରେ ବେନିୟମ ଗାଡ଼ି ପାର୍କିଂ କଲେ ପଡ଼ିବ ବଡ଼ ଧରଣର ଜରିମାନା। କେନ୍ଦୁଝର ସହରର ଏକ ଭିଡ଼ ଭାଡ଼ ଅଞ୍ଚଳ ହୋଇଛି ଚର୍ଚ୍ଚ ଛକ। ଏହି ଛକଟି ସହରର ବିଭିନ୍ନ ସ୍ଥାନକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ଯୋଡ଼ିଥାଏ ଆଉ ଚର୍ଚ୍ଚ ଛକରୁ ଜେଲ୍ ରୋଡ଼ (ଧରଣୀ ଭୂୟାଁ) ଛକ ଭିତରେ ବହୁ ପ୍ରମୁଖ ଅନୁଷ୍ଠାନ ମଧ୍ୟ ପଡ଼ିଥାଏ। ଜିଲ୍ଲା ମୁଖ୍ୟ କାରାଗାର, ରିଜର୍ଭ ପୋଲିସ କାର୍ଯ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କେନ୍ଦୁଝର ଷ୍ଟାଡିୟମ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଏସ୍‌ଡିପିଓ କାର୍ଯ୍ୟାଳୟ, ଦୁଇଟି ପ୍ରାଇଭେଟ ହସ୍ପିଟାଲ ରହିଛି ଏହି ରାସ୍ତା ପାର୍ଶ୍ୱରେ। ଦିନ ତମାମ ନାହିଁ ନଥିବା ଭିଡ଼ ଏହି ରାସ୍ତାରେ ଆଉ ପରିବା କ୍ରେତାଙ୍କ ପାଇଁ ଭିଡ଼ ଦ୍ୱିଗୁଣିତ ହେଇଯାଏ। ସହରର ବିଭିନ୍ନ ଆଡୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ଆମ୍ବୁଲାନ୍ସ ଏହି ରାସ୍ତା ଦେଇକି ଯାତାୟାତ କରିଥାଏ ଆଉ ରାସ୍ତା ଉପରେ ବେନିୟମ ପାର୍କିଂ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ ଏମାନଙ୍କୁ। ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଅସୁରକ୍ଷିତ ହୋଇଯାଇଛି ଏହି ରାସ୍ତାଟି। ଏହି ସବୁ ଅସୁବିଧାକୁ ନଜର କରି ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ପାର୍ଶ୍ୱ ନୋ-ପାର୍କିଂ ଜୋନ୍ କରିବାକୁ ନିଷ୍ପତ୍ତି ନିଆଯାଇଛି। କେନ୍ଦୁଝରଗଡ଼ ପୌର ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ଏହି ଜନଗହଳିପୂର୍ଣ୍ଣ ରାସ୍ତାକୁ ନୋ-ପାର୍କିଂ ଜୋନ୍ ଘୋଷଣା କରିବା ପାଇଁ ଆର୍‌ଟିଓଙ୍କୁ ଚିଠି କରିବେ ବୋଲି ଜଣାପଡ଼ିଛି।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ସେପ୍ଟେମ୍ବର ୨୦୨୫ ରବିବାର





# ଗଞ୍ଜାମ ସହର ବିକାଶର ଖୋଲା ଚିତ୍ର:ପୋଖରୀ ପାଲଟିଛି ଡମ୍ପିଂୟାର୍ଡ଼

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**



ଗଞ୍ଜାମ ସହରରେ ପୂର୍ବ ସରକାର ସମୟରେ ମୁକ୍ତା ଯୋଜନାରେ ସହର ମଧ୍ୟରେ ଥିବା ପୋଖରୀର ପୁନଃଉଦ୍ଧାର ପାଇଁ ପ୍ରଚୁର ଟଙ୍କା ଆସିଥିଲା । ହେଲେ ତାହା ଠିକ୍ କାମରେ ବିନିଯୋଗ ହୋଇପାରିନାହିଁ ବୋଲି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଅଭିଯୋଗ କରିଛନ୍ତି । ଗଞ୍ଜାମ ଏନ୍ଏସିର ୪ ନମ୍ବର ୱାର୍ଡରେ ଦାସବନ୍ଧର ଅବସ୍ଥା ନକହିବା ଭଲ । ପୋଖରୀ ଉପରେ ସାହିର ଦୁଇଶହରୁ ଅଧିକା ଲୋକ ନିର୍ଭର କରିଆସୁଛନ୍ତି । କିନ୍ତୁ ସଫେଇ ନହେବା କାରଣରୁ ପୋଖରୀ ଜଳ ଆସ୍ତେ ଆସ୍ତେ ଖରାପ ହେବାକୁ ବସିଲାଣି । ସେହିଭଳି ଗଞ୍ଜାମ ସହରକୁ ଦୈନନ୍ଦିନ ସହର ଭିତରକୁ ପରିବା ବିକାଳୀ ରାସ୍ତାରେ ଯାଉଥିବା ବାଟୋଇ କିଛି ଗାଡିର ଡ୍ରାଇଭର ଭାଇମାନେ ଏହି ପୋଖରୀ ଉପରେ ନିର୍ଭର କରିଆସୁଥିଲେ । ହେଲେ ଏବେ କିଛିଦିନ ହେଲା ସେହି ପୋଖରୀରେ ପାଦ ପକେଇବାକୁ ଲୋକେ ଡରୁଛନ୍ତି କାରଣ ସହର ମଧ୍ୟରେ ଯାହା ଘରେ ଯାହାବି ପୂଜାପୂଜି ହୁଏ ତାହାର ବିସର୍ଜନ ସାମଗ୍ରୀକୁ ଶେଷରେ ଦାସ ବନ୍ଧରେ ଆସିକି ଫିଙ୍ଗିଦିଆଯାଉଛି । ଫଳରେ ତାହା କିଛି ଦିନ ପରେ ପଚି ସଢ଼ିବା ଆରମ୍ଭ ହୋଇଯାଏ । ଯାହାଫଳରେ ଗାଧୋଇବାକୁ ଆସିଥିବା କିଛି ଲୋକେ କୁହନ୍ତି ପୋଖରୀରେ ଦଳ ଏତିକି ମାତ୍ରାରେ ଅଛି ଯେ ସେ ଦଳକୁ ମଧ୍ୟ ଏନ୍ଏସି ପ୍ରଶାସନ ଠିକ୍ ଭାବେ ସଫା କରିପାରୁନାହିଁ । ଯାହାଫଳରେ ବାହାରୁ ଆସୁଥିବା କିଛି ବେପାରୀଙ୍କ ଗାଧୋଇବାରେ ବାଧା ଦେଇଥାଏ । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୧୩ ଲକ୍ଷ ଟଙ୍କା ଲୁଟ୍:ଲୁଟେରା ଗିରଫ



**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲାର ପାଣିକୋଇଲି ସ୍ଥିତ ଏକ ଟାୟାର ଦୋକାନରୁ ୧୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରିଥିବା ଆନ୍ତରାଜ୍ୟ ଲୁଟେରାକୁ ବିହାର ଝାଡଖଣ୍ଡର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦୁଇ ଜଣ ଲୁଟେରାକୁ ପାଣିକୋଇଲି ପୋଲିସ ଗିରଫ କରିଥିବା ବେଳେ ଆଉ ଦୁଇ ଜଣ ଫେରାର୍ ଅଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଯାଜପୁର ଏସ୍ଡିପିଓ ପାଣି କୋଇଲି ଥାନା ଅଧିକାରୀ ରଣଜିତ୍ ମହାନ୍ତି ଲୁଟ୍ ଟଙ୍କାକୁ ଜବତ କରିଥିବା ସୂଚନା ଦେଇଛନ୍ତି ।

# ସମସ୍ୟା ଘେରରେ ବୌଦ୍ଧ ଜିଲ୍ଲାର ବହୁବୃତ୍ତି ଶିକ୍ଷାନୁଷ୍ଠାନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ଜିଲ୍ଲାର ପ୍ରଶିକ୍ଷଣ ହବ୍ ଭାବରେ ପରିଚିତ ଅଞ୍ଚଳ ବର୍ତ୍ତମାନ ବ୍ୟାପକ ସମସ୍ୟା ଘେରରେ ରହିଛି । ବୌଦ୍ଧ ଜିଲ୍ଲାର ପାଲଝାର ଫାର୍ମ ଗଡଜାତ ଶାସନ କାଳରେ ସାରା ଓଡ଼ିଶାର କୃଷି କ୍ଷେତ୍ରରେ ସବୁଜ ବିପ୍ଳବର ପେଣ୍ଠ ସ୍ଥଳ ହୋଇ ରହିଥିଲା । ତେବେ ଦେଶ ସ୍ୱାଧୀନତା ପରେ ଏହି ପ୍ରାଚୀନ ଅନୁଷ୍ଠାନ ନିଜର ଅସ୍ତିତ୍ୱ ହରାଇବାରେ ଲାଗିଥିଲା । ବୌଦ୍ଧ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇବା ପରେ ଏହି ପାଲଝରର ଶହ ଶହ ଏକର ଅଞ୍ଚଳରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଗଢି ଉଠିଛି । ଏଠାରେ ଓଡ଼ିଶାର ଏକମାତ୍ର ପିଆଜ ଗବେଷଣା କେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ର, ନବୋଦୟ ବିଦ୍ୟାଳୟ ସମେତ ବହୁବୃତ୍ତି ପ୍ରଶିକ୍ଷଣ ଓ ଆଇଟିଆଇ ପ୍ରଶିକ୍ଷଣ ଭଳି ପ୍ରତିଷ୍ଠାନ ରହିଛି । ତେବେ ଗୌଡ଼ଦେଇ ଜଙ୍ଗଲର ସବୁଜିମା କୋଳରେ ଥିବା ଏହି ପ୍ରଶିକ୍ଷଣ ହବ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ସୂଚନା ମିଳିଛି । ଗୋଟିଏ ଦିନ ପୂର୍ବରୁ ବହୁବୃତ୍ତି ପ୍ରଶିକ୍ଷଣ ଓ ଆଇଟିଆଇର ସାଧାରଣ ବୈଠକରେ ଉକ୍ତ ଦୁଇ ଅନୁଷ୍ଠାନର ବିଭିନ୍ନ କାର୍ଯ୍ୟ, ପଦକ୍ଷେପ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, କନ୍ଧମାଳ ସାଂସଦ ପ୍ରତିନିଧି ଯୁଗଳ କିଶୋର ସାମଲ, ଦୁଇ ଅନୁଷ୍ଠାନର ଅଧକ୍ଷ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ । ଏହି ପ୍ରଶିକ୍ଷଣ ଅନୁଷ୍ଠାନରେ ଶହ ଶହ ବିଦ୍ୟାର୍ଥୀ ପ୍ରଶିକ୍ଷଣ ନେଉଥିବା ବେଳେ ଏଠାରେ ପାନୀୟ ଜଳ ଓ ବିଦ୍ୟୁତ ସମସ୍ୟା ଉତ୍କଟ ରୂପ ଧାରଣ କରିଛି । ନିକଟରେ ସାଲୁଙ୍କି ନଦୀ ପ୍ରବାହିତ ହେଉଥିଲେ ମଧ ଭୂତଳ ଜଳସ୍ତର ହ୍ରାସ ଯୋଗୁ ଏଠାରେ ପାନୀୟ ଜଳର ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏଠାକୁ ସ୍ୱତନ୍ତ୍ର ଫିଡ଼ର ନଥିବାରୁ ଅଧିକାଂଶ ସମୟରେ ବିଦ୍ୟୁତ୍ ସେବା ମିଳିପାରିନଥାଏ । ସେହିପରି ବହୁବୃତ୍ତି ଅନୁଷ୍ଠାନରେ ସ୍ଥାୟୀ ଅଧକ୍ଷ ଓ ଏଚଓଡି ନଥିବା ବେଳେ ଆବଶ୍ୟକତା ଅନୁସାରେ ପ୍ରଶିକ୍ଷକ ନାହାନ୍ତି । ଏନେଇ ଜିବି ବୈଠକରେ ଜିଲ୍ଲାପାଳ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ କିଭଳି ଏସବୁ ସମସ୍ୟାର ସମାଧାନ ହେବ ତାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ରାଷ୍ଟ୍ର ଗଠନ ପ୍ରକ୍ରିୟା ଶ୍ରେଣୀ ଗୃହରୁ ହିଁ ଆରମ୍ଭ ହୋଇଥାଏ:ପୂର୍ବତନ ପ୍ରଧାନ ବିଚାରପତି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**




ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାକୁ ଆଗେଇ ଚାଲିଥିବା ବେଳେ ଦେଶ ସମ୍ମୁଖରେ ଏବେବି ଅନେକ ଆହ୍ୱାନ ରହିଛି ବୋଲି ଶୁକ୍ରବାର ଭାରତର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତୀ ଗୋପାଳ ବଲ୍ଲଭ ପଟ୍ଟନାୟକ କହିଛନ୍ତି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଶିକ୍ଷା ଓ ଅନୁସନ୍ଧାନ ବକ୍ତୃତା ପ୍ରଦାନ କରିବା ଅବସରରେ ନ୍ୟାୟମୂର୍ତ୍ତୀ ପଟ୍ଟନାୟକ କର୍ମ ଯୋଗାଣରେ ବୃଦ୍ଧି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସଶକ୍ତ କରିବା ଉପରେ ଦେଶକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ମନ୍ତବ୍ୟ ଦେବା ସହ ଡିଜିଟାଲ୍ ଟେକ୍ନୋଲୋଜିକୁ ଅଧିକ ପ୍ରସାରିତ କରିବାକୁ ହେବ ବୋଲି କହିଥିଲେ । ଭାରତ ଏକ ବିକଶିତ ଦେଶ ହୋଇପାରିବ କି ନାହିଁ ତାହା ବର୍ତ୍ତମାନ ପ୍ରଶ୍ନ ନୁହେଁ । ଆମେ ଏଥିନିମନ୍ତେ କିପରି ଆବଶ୍ୟକୀୟ ପ୍ରଚେଷ୍ଟା କରିପାରିବା ତାହା ଗୁରୁତ୍ୱ ରଖେ ବୋଲି ସେ କହିଥିଲେ । ଯଦିଓ ଭାରତର ଭିତ୍ତିଭୂମି ବୃଦ୍ଧି ପାଉଛି, ଡିଜିଟାଲ୍ ଟେକ୍ନୋଲୋଜି ଲକ୍ଷ ଲକ୍ଷ ଲୋକଙ୍କୁ ସଶକ୍ତ କରୁଛି ଏବଂ ବୈଜ୍ଞାନିକ ସଫଳତା ଶିଖର ଛୁଇଁଛି ତଥାପି ଆମକୁ ବୃହତର ଚିତ୍ରକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଭାରତର ଭବିଷ୍ୟତ କେବଳ ସଂସଦ କିମ୍ବା ନୀତି ନିର୍ଦ୍ଧାରଣରେ ସୀମିତ ନୁହେଁ ବରଂ ଏହା ଶ୍ରେଣୀ ଗୃହ, ଲାବୋରେଟୋରୀ, ବିଚାରାଳୟ, ଡାକ୍ତରଖାନା, ଗ୍ରାମ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକରେ ସନ୍ନିହିତ ଅଟେ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସୁପ୍ରିମ୍ କୋର୍ଟ ଅଫ୍ ଇଣ୍ଡିଆର ପୂର୍ବତନ ବିଚାରପତି ଏବଂ ଦେଶର ପ୍ରଥମ ଲୋକପାଳ ନ୍ୟାୟମୂର୍ତ୍ତୀ ପିନାକୀ ଚନ୍ଦ୍ର ଘୋଷ ମଧ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ । 'ଷ୍ଟୁଡେଣ୍ଟସ୍ ଆଜ୍ ନ୍ୟାସ୍‌ନ୍ ବିଲ୍ଡର-ଦ ପାୱାର ଅଫ୍ ୟଙ୍ଗ ମାଇଣ୍ଡ ଇନ୍ ସେପିଙ୍ଗ ଦ ଫ୍ୟୁଚର' (ରାଷ୍ଟ୍ର ଗଠନରେ ଛାତ୍ରଛାତ୍ରୀଙ୍କ ଭୂମିକା-ଭବିଷ୍ୟତ ନିର୍ମାଣରେ ଯୁବଶକ୍ତି) ଶୀର୍ଷକ ପ୍ରସଙ୍ଗରେ ବକ୍ତବ୍ୟ ରଖିବା ଅବସରରେ ନ୍ୟାୟମୂର୍ତ୍ତୀ ପଟ୍ଟନାୟକ କହିଥିଲେ ଯେ ଶିକ୍ଷା କେବଳ ପରୀକ୍ଷାର ମାର୍କ, ଡିଗ୍ରୀ କିମ୍ବା ପ୍ଲେସ୍‌ମେଣ୍ଟରେ ସୀମିତ ନୁହେଁ ମାତ୍ର ଏହା ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଶ୍ଳେଷଣାତ୍ମକ ବିଚାରର ବିକାଶ, ନିଜ ଦାୟିତ୍ୱକୁ ହୃଦୟଙ୍ଗମ କରିବା ଏବଂ ସଠିକ ଚିନ୍ତା ନେଇ ଛିଡ଼ା ହେବାର ମାର୍ଗ । ଛାତ୍ରଛାତ୍ରୀ ମାନଙ୍କୁ ସେ କହିଥିଲେ ଯେ କ୍ଲାସ୍ ରୁମ୍‌ରୁ ହିଁ ରାଷ୍ଟ୍ର ଗଠନର ଆରମ୍ଭ ହୋଇଥାଏ । ଦେଶ କଂକ୍ରିଟ୍‌ରେ ନୁହେଁ ଚରିତ୍ର ଦ୍ୱାରା ଗଠନ ହୋଇଥାଏ ବୋଲି ସେ କହିଥିଲେ । ଭାରତରେ ମୂଲ୍ୟବୋଧ ବିହୀନ ଟପ୍ପରମାନଙ୍କର ଆବଶ୍ୟକତା ନାହିଁ ବରଂ ସଚ୍ଚୋଟ ସରକାରୀ ଅଧିକାରୀ, କରୁଣାମୟ ଡାକ୍ତର, ନୈତିକ ମୂଲ୍ୟବୋଧ ଥିବା ଆଇନଜୀବୀ, ସାହସୀ ସାମ୍ବାଦିକ, ଦାୟିତ୍ୱବାନ ବୈଜ୍ଞାନିକ ଏବଂ ସଚ୍ଚୋଟ ନୀତିନିର୍ଦ୍ଧାରକଙ୍କର ଆବଶ୍ୟକତା ରହିଛି ବୋଲି ନ୍ୟାୟମୂର୍ତ୍ତୀ ପଟ୍ଟନାୟକ କହିଥିଲେ । ଛାତ୍ରଛାତ୍ରୀ ଭାବେ ନିଜ ଚରିତ୍ରକୁ ଏଭଳି ବଳିଷ୍ଠ କରିବା ଦରକାର ଯାହାଫଳରେ ଭବିଷ୍ୟତରେ ବୃତ୍ତିଗତ ଜୀବନରେ କେବେବି ପରିବର୍ତ୍ତନ ହେବନାହିଁ ବୋଲି ଉପଦେଶ ଦେବା ସହ ନିଜ ଶିକ୍ଷକ ଏବଂ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସମ୍ମାନ ଦେବା ଆବଶ୍ୟକ ବୋଲି ସେ କହିଥିଲେ । ବିକଶିତ ରାଷ୍ଟ୍ର ଗଠନ କ୍ଷେତ୍ରରେ ଏହି ମହାନ୍ ଦେଶର ପ୍ରତ୍ୟେକ ନାଗରିକଙ୍କର ଭୂମିକା ରହିଛି ବୋଲି ନ୍ୟାୟମୂର୍ତ୍ତୀ ପଟ୍ଟନାୟକ କହିଥିଲେ । ସୋଆ ଅଡିଟୋରିୟମ୍‌ରେ ଉପସ୍ଥିତ ଥିବା ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜଷ୍ଟିସ୍ ପଟ୍ଟନାୟକ କହିଥିଲେ ଯେ ଆଇନ୍ ସେମାନଙ୍କ ପାଇଁ କେବଳ ଏକ ବୃତ୍ତି ନ ହୋଇ ଏକ ନୈତିକ ଦାୟିତ୍ୱ ଅଟେ ଯାହାକି ଜନସାଧାରଣଙ୍କ ଅଧିକାର ଓ ସ୍ୱାଧୀନତାକୁ ସୁରକ୍ଷିତ ରଖିବା ସହ ନ୍ୟାୟ ପ୍ରଦାନ କରିବାରେ ସହାୟକ ହୋଇପାରିବ । ଆଇନ୍ ଛାତ୍ରଛାତ୍ରୀମାନେ ସମ୍ବିଧାନର ସୁରକ୍ଷା ନିମନ୍ତେ କାର୍ଯ୍ୟ କରିବା ସହ ନିଷ୍ପେସିତଙ୍କ ସ୍ୱର ହେବା ଉଚିତ୍ ବୋଲି କହିବା ସହ ଜଣେ ଭଲ ଆଇନ୍‌ଜୀବୀ ଆଇନ୍‌କୁ ଜାଣିଥିବା ବେଳେ ଜଣେ ମହାନ୍ ଆଇନଜୀବୀ ନ୍ୟାୟକୁ ବୁଝିଥାଏ ବୋଲି ସେ କହିଥିଲେ । ନ୍ୟାୟମୂର୍ତ୍ତୀ ପଟ୍ଟନାୟକ ଶିକ୍ଷା ଓ ଅନୁସନ୍ଧାନକୁ ପ୍ରଶଂସା କରି ଏହି ଅନୁଷ୍ଠାନ ଉତ୍କର୍ଷତାର ଏକ ପ୍ରତୀକ ବୋଲି କହିବା ସହ ଏହାର ସମସ୍ତ ଶ୍ରେୟ ସୋଆର ପ୍ରତିଷ୍ଠାତା ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱକୁ ଦେଇଥିଲେ । ପ୍ରଫେସର ନାୟକଙ୍କର ଦୂରଦର୍ଶିତା ଏବଂ ଅଦମ୍ୟ ଉଦ୍ୟମ ଯୋଗୁ ହିଁ ଏଭଳି ଅସାଧାରଣ ଅନୁଷ୍ଠାନ ଗଢ଼ି ଉଠିଛି ବୋଲି ସେ କହିଥିଲେ । ଏହି ଅବସରରେ ନ୍ୟାୟମୂର୍ତ୍ତୀ ଘୋଷ ଭାରତୀୟ ସମ୍ବିଧାନର ମୌଳିକ ଢ଼ାଞ୍ଚା ଏବଂ ସମ୍ବିଧାନକୁ ରକ୍ଷା କରିବା ଦିଗରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ବିଧାନର ମୌଳିକ ଢ଼ାଞ୍ଚାକୁ ନେଇ ଭାରତର ସୁପ୍ରିମକୋର୍ଟ ୧୯୭୩ ମସିହାରେ ଐତିହାସିକ କେଶବାନନ୍ଦ ଭାରତୀ ମାମଲାର ରାୟ ମାଧ୍ୟମରେ ଆଇନ୍‌ର ଶାସନ, ଗଣତନ୍ତ୍ର, ଧର୍ମନିରପେକ୍ଷତା ଓ ନ୍ୟାୟପାଳିକାର ସ୍ୱତନ୍ତ୍ରତାର ପ୍ରାଧାନ୍ୟକୁ ସ୍ଥାପନ କରିଥିଲେ । ନ୍ୟାୟମୂର୍ତ୍ତୀ ଘୋଷ କହିଥିଲେ ଯେ ୧୩ ଜଣ ବିଚାରପତିଙ୍କୁ ନେଇ ଗଠିତ ସବୁଠାରୁ ବଡ଼ ସାମ୍ବିଧାନିକ ବେଞ୍ଚ ଏହି କେସ୍‌ର ଶୁଣାଣି କରିବା ସହ ଏହି ସିଦ୍ଧାନ୍ତରେ ଉପନୀତ ହୋଇଥିଲେ ଯେ ସମ୍ବିଧାନର ସଂଶୋଧନ ଦ୍ୱାରା ଏହାର ମୂଳ ତତ୍ତ୍ୱର ପରିବର୍ତ୍ତନ କରାଯାଇପାରିବନାହିଁ ଯଦ୍ୱାରା ମୌଳିକ ଅଧିକାରର ସୁରକ୍ଷା ବଳବତ୍ତର ରହିବ । ଏହାକୁ ନେଇ କେହି ବ୍ୟକ୍ତି ପ୍ରଶ୍ନ ଉଠାଇପାରନ୍ତି କିନ୍ତୁ ଆମେ ଏହି ସିଦ୍ଧାନ୍ତକୁ ସମ୍ମାନ ଦେବା ଉଚିତ୍ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର (ଡକ୍ଟର) ନୀତା ମହାନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ପୂର୍ବତନ ବିଚାରପତିଙ୍କୁ ସ୍ୱାଗତ କରିଥିବା ବେଳେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର (ଡକ୍ଟର) ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଚୋରା ମଦ ଜବତ:୯ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ମାର୍ଶାଘାଇ, ଆଳି, କେନ୍ଦ୍ରାପଡ଼ା ସଦର, ପଟ୍ଟାମୁଣ୍ଡାଇ ଟାଉନ୍, ପଟ୍ଟାମୁଣ୍ଡାଇ ରୁରାଲ୍, ନିକିରେଇ, ଡେରାବିଶ ଓ କୁଦାନଗରୀ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ପାଣିସାଉରିଆ ଗ୍ରାମର ସରୋଜିନୀ ମଳିକଙ୍କ ଠାରୁ ୧୪ ଲିଟର ବିଦେଶୀ ମଦ, ମାଟିଆ ଗ୍ରାମର ସଞ୍ଜୁଲତା ମଳିକଙ୍କ ଠାରୁ ୧୧ ଲିଟର ଦେଶୀ ମଦ, ଅଢ଼ାଜରି ଗ୍ରାମର ସଦାନନ୍ଦ ମଳିକଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ନାନକର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁଙ୍କ ଠୁ ୧୮ ଲିଟର ବିଦେଶୀ ମଦ, ଚାତରଚକଡା ଗ୍ରାମର ଚିନ୍ମୟ ମହାନ୍ତିଙ୍କ ଠୁ ୨୦ ଲିଟର ବିଦେଶୀ ମଦ, ଆୟତପୁର ଗ୍ରାମର କାଳୁ ମଳିକଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ବରୁଅ ଗ୍ରାମର ସଞ୍ଜୟ ପରିଡାଙ୍କ ଠାରୁ ୨୨ ଲିଟର ଦେଶୀ ମଦ, କନ୍ଧାସାହି ଗ୍ରାମର ଅଜୟ କୁମାର ବେହେରାଙ୍କ ଠାରୁ ୩୧ ଲିଟର ବିଦେଶୀ ମଦ ଓ ଟେରାଗାଁ ଗ୍ରାମର ଦେବାଶିଷ ସାହାଣୀଙ୍କ ଠାରୁ ୩୫ ଲିଟର ବିଦେଶୀ ମଦ ସହ ଗୋଟିଏ ମୋଟର ସାଇକଲ ଜବତ କରାଯାଇ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ସମୁଦାୟ ୧୮୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ଉପନିରିକ୍ଷକ ଧର୍ମପଦ ଦାସ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।





# ୪୨ ଗ୍ରାମ୍ ହିରୋଇନ୍ ଓ ମଦ ଜବତ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧିକ୍ଷୀକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ତୀବ୍ର ଅଭିଯାନ ସଫଳ ହୋଇଛି । ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜଟାଧାରୀ ମୁହାଣ ଥାନା ଅନ୍ତର୍ଗତ ଷଣ୍ଢକୁଦ ଅଞ୍ଚଳରେ ସ୍ଥିତ ଲାଇଟ୍ ହାଉସ୍ ନିକଟରୁ ୪୨ ଗ୍ରାମ୍ ହିରୋଇନ୍ ଜବତ କରିଛି ପାରାଦୀପ ଅବକାରୀ ରେଞ୍ଜ, ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୪୨୦୦୦୦ ଟଙ୍କା । ଏହି ଅଭିଯାନରେ ସୁରଞ୍ଜନ ମଣ୍ଡଳ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଅନ୍ୟ ଘଟଣାରେ, ଏସ୍ଆଇ ଶ୍ରୀଧର ସିଂ, ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଛକ ନାରାୟଣ ମନ୍ଦିର ନିକଟରୁ ୪.୮୦୦ ଲିଟର ଦେଶି ମଦ ସହିତ ଗୋଟିଏ ଦୁଇ-ଚକିଆ ଯାନ ଜବତ କରିଛନ୍ତି ଏବଂ ଘଟଣାସ୍ଥଳରୁ ନିରାକାର ନାଥ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ଓ ଚୋରା ମଦ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚାଲାଇବାକୁ ସଂକଳ୍ପବଦ୍ଧ ।

# ଦୁର୍ନୀତି ଅଭିଯୋଗ:ନିଲମ୍ବିତ ହେଲେ ଏଆର୍‌ସିଏସ୍

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିଛି । ଏବେ ବଦଳିଛି ସରକାର ଦୁର୍ନୀତି ବିରୁଦ୍ଧରେ ସମବାୟ ବିଭାଗ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିଛି । ଆର୍ଥିକ ଅନିୟମିତତା ଓ ଦୁର୍ନୀତି ଅଭିଯୋଗରେ ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ସୋନପୁର ମଣ୍ଡଳ (ଏଆର୍‌ସିଏସ୍) ପାଣୁ ଚରଣ ସାହୁଙ୍କୁ ଗୁରୁବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି । ପୂର୍ବରୁ ମଧ ଶ୍ରୀ ସାହୁଙ୍କ ନାମରେ ବିଭିନ୍ନ ଜିଲ୍ଲାରେ ଦୁର୍ନୀତିର ଲମ୍ବା ତାଲିକା ଥିବା ଜଣାପଡ଼ିଛି । ଦୁର୍ନୀତିର ଲମ୍ବା ତାଲିକା ଥିବା ସତ୍ତ୍ୱେ ସୋନପୁର ଭଳି ଶାନ୍ତପୂର୍ଣ୍ଣ ଜିଲ୍ଲାରେ ଶ୍ରୀ ସାହୁ ପାୱାର୍ ଫୁଲ୍ ଏଆର୍‌ସିଏସ୍ ଥିଲେ ଓ ବେଶ୍ ଦୁର୍ନୀତୀ କରି ଚାଲିଥିଲେ ଏବଂ ଚାଷୀଙ୍କୁ ହଇରାଣ କରୁଥିବା ବେଳେ କିଛି ଦିନ ତଳେ ତରଭା ବ୍ଲକ ଠାରେ ଚାଷୀଙ୍କ ଠାରୁ ମାଡ଼ ଖାଇଥିଲେ । ଶେଷରେ ରାଜ୍ୟ ସରକାର ତାଙ୍କୁ ନିଲମ୍ବନ କରିଥିବା ବେଳେ ନିଲମ୍ବନ ସମୟରେ ସେ ବରଗଡ଼ ଉପ-ନିବନ୍ଧକ ସମବାୟ ସମିତି ସମୂହଙ୍କ କାର୍ଯ୍ୟାଳୟରେ ତାଙ୍କର ମୁଖ୍ୟାଳୟ ସ୍ଥିର କରିଛନ୍ତି । ନିଲମ୍ବନ ଆଦେଶ ବଳବତ୍ତର ରହିବା ପର୍ଯ୍ୟନ୍ତ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ । ଅନିୟମିତତା ଠାରୁ ଦୂରରେ ରହି ନୀତିନିଷ୍ଠ କର୍ତ୍ତବ୍ୟ ସମ୍ପାଦନ ପାଇଁ ସମବାୟ ବିଭାଗ ପକ୍ଷରୁ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି । ସୂଚନାଯୋଗ୍ୟ ପ୍ୟାକ୍ସ ସମ୍ପାଦକ ମାନଙ୍କୁ ଖୋଦ୍ ପାଣୁ ଚରଣ ସାହୁ ହଇରାଣ ହରକତ କରିବା ସହ ନାଲି ଆଖି ଦେଖାଇ ଟଙ୍କା ଅସୁଲି କରୁଥିବା ନାମ ଗୋପନ ରଖି କିଛି ପ୍ୟାକ୍ସ ସମ୍ପାଦକ କହିଛନ୍ତି ।



# ଚିକିତ୍ସାଧିନ ଛାତ୍ରଙ୍କ ମୃତ୍ୟୁରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା

**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ତୁରୁଡ଼ିହି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସର ସପ୍ତମ ଶ୍ରେଣୀ ଛାତ୍ର ମଙ୍ଗଳ ସିଂ ଗଣ୍ଡ ଚିକିତ୍ସାଧୀନ ଅବସ୍ଥାରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ପରେ ଉତ୍ତେଜନା ବଢିଛି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଚିକିତ୍ସାରେ ବିଳମ୍ବ ଓ ଅବହେଳା ଯୋଗୁ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତଦନ୍ତ ପାଇଁ ଆସିଥିବା ରାଇଘର ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କୁ ତାଲା ମାରି ବନ୍ଧକ ରଖିଛନ୍ତି । ରାତି ୧୧ ସମୟରେ ମଙ୍ଗଳ ବାନ୍ତି ହୋଇ ଅସୁସ୍ଥ ହୋଇଥିଲେ । ପ୍ରଥମେ ସରକାରୀ ଚିକିତ୍ସାଳୟକୁ ନେବା ପରିବର୍ତ୍ତେ ସ୍ଥାନୀୟ ଏକ କ୍ୱାକ୍ ପାଖକୁ ମଙ୍ଗଳଙ୍କୁ ଚିକତ୍ସା ପାଇଁ ନେଇଥିଲେ ସେହିଠାରେ କ୍ୱାକ୍ କିଛି ସମୟ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେହିଠାରେ ମଧ ସ୍ୱାସ୍ଥ୍ୟ ବ୍ୟବସ୍ଥା ନ ସୁଧୁରିବାରୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଛାତ୍ର ଜଣକ ମୃତ୍ୟୁ ବରଣ କରିଥିଲେ । ଏହାପରେ ରାଇଘର ବିଇଓ ତଦନ୍ତ ପାଇଁ ଯାଇଥିବାବେଳେ ସ୍ଥାନୀୟ ବାସିନ୍ଦାଙ୍କ ଆକ୍ରୋଶର ଶିକାର ହୋଇଥିଲେ । ବର୍ତ୍ତମାନ ବନ୍ଧକ ଅଛନ୍ତି । ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୮।୯।୨୦୨୫, ଆଶ୍ୱିନ ଦି୧୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୬।୪୯ ଚନ୍ଦ୍ରୋଦୟ- ଦିଘ ୧୦।୫୭।୧୬**

**ଷଷ୍ଠୀ-** ଦିଘ ୨।୨୮ ପର୍ଯ୍ୟନ୍ତ । **ଜ୍ୟେଷ୍ଠା ନକ୍ଷତ୍ର ବିଛା ରାଶି-** ରାଘ ୩।୫୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ରାଘ ୩।୫୫ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ରାଘ ୩।୫୫ ପରେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଷଷ୍ଠୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ଦିଘ ୨।୨୮ ପରେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୮ ଗତେ ଘ ୮।୫୦ ମଧ୍ୟେ । ଦିଘ ୩।୫୮ ଗତେ ଘ ୪।୦୪ ମଧ୍ୟେ । **ପର୍ବୋତ୍ସବ-** ତପଃ ଷଷ୍ଠୀ, ପୀଠ ଦେବୀଙ୍କ ସପ୍ତମୀ ପୂଜା, ମୃଣ୍ମୟୀ ଦୁର୍ଗାଙ୍କ ଷଷ୍ଠୀ ବିଲ୍ୱାଧିବାସ, କବିବର ରାଧାନାଥ ଓ ଭଗତ୍‌ସିଂହ ଜୟନ୍ତୀ ।



**ମେଷ:** ଶାରିରୀକ ପୀଡା ଅନୁଭବ କରିବେ । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ । ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ । ବ୍ୟୟର ମାତ୍ରା ଅଧିକ ହେବ । ଗୃହରେ ଅଶାନ୍ତି ଦେଖାଦେବ ।



**ବୃଷ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେହ ଓ ମନ ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ସନ୍ତୋଷ ଲାଭ ହେବ । ଶୁଭ କାର୍ଯ୍ୟରେ ଯୋଗଦାନ କରିବେ ।



**ମିଥୁନ:** ମନ ସର୍ବଦା ଚଳଚଞ୍ଚଳ ରହିବ । ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ ହେବ । ପାରିବାରିକ ଅବୁଝାମଣା ଦେଖାଦେବ । ଶତ୍ରୁମାନେ ପରାଜିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ ।



**କର୍କଟ:** କର୍ମକ୍ଷେତ୍ରରେ ମାନହାନି ସୂଚନା । ମନ ଚଞ୍ଚଳ ଯୋଗୁ କୌଣସି କାମରେ ସ୍ଥିରତା ଆସିବନାହିଁ । କଚେରି ମାମଲାର ସ୍ଥିତି ଅନୁକୂଳ ହେବ । ରୋଜଗାରରେ ଉନ୍ନତି ହେବ । ଶରୀର ସୁସ୍ଥ ରହିବ ।



**ସିଂହ:** ହଠାତ୍ କେତେକ ସମସ୍ୟା ଦେଖାଦେଇପାରେ । ଆପଣଙ୍କର ନିକଟରେ ଶାନ୍ତି ବଜାୟ ରହିବ । ଆୟର ପରିମାଣ ସ୍ଥିର ରହିବ । ବ୍ୟସ୍ତତା ଲାଗି ରହିବାର ସମ୍ଭାବନା । ଦେହ ଓ ମନ ଭଲ ରହିବ ।



**କନ୍ୟା:** କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନର ଅଧିକାରୀ ହେବେ । ସତ୍ କର୍ମରେ ଲିପ୍ତ ରହିବେ । ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ । ପରିଶ୍ରମ ତୁଳନାରେ ପାରିଶ୍ରମିକ ହେବନାହିଁ । ଗୃହେ ଶାନ୍ତି ଲାଭ ହେବ ।



**ତୁଳା:** କର୍ମକ୍ଷେତ୍ର ପାଇଁ ମନରେ ନୂତନ ଆଶାର ସଞ୍ଚାର ଆସିବ । ବିଭିନ୍ନ କ୍ଷେତ୍ରରେ ବିଜୟୀ ହେବେ । ଲୋଭରେ ପଡ଼ିବେ । ଆୟରେ ଉନ୍ନତି ହେବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ ।



**ବିଛା:** କାର୍ଯ୍ୟକ୍ଷେତ୍ରରେ ସମ୍ମାନିତ ହେବେ । ଦେହ ଭଲ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ରୋଜଗାର ମଧ୍ୟମ ଧରଣର ହେବ । ଗୃହରେ ଜଞ୍ଜାଳ ବଢ଼ିବାର ସୂଚନା ମଧ୍ୟ ରହିଛି ।



**ଧନୁ:** ବ୍ୟବସାୟରେ ଲାଭବାନ୍ ହେବେ । ଆୟ ଓ ବ୍ୟୟ ସମାନ ରହିବ । ଘରେ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା । ମହିଳାମାନେ ସୁଖୀ ହେବେ । ପିଲାମାନେ ପଢ଼ାପଢ଼ିରେ ଆଗେଇବେ ।



**ମକର:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ଦୁଃସାହସିକ କାର୍ଯ୍ୟ କରିବେ । ବନ୍ଧୁମାନେ ଦୂରେଇ ଯିବେ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଗୃହରେ ଆନନ୍ଦ ବଜାୟ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ ।



**କୁମ୍ଭ:** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ । ଶୁଭ ଖବର ପ୍ରାପ୍ତ ହେବ । ସମସ୍ତ କ୍ଷେତ୍ରରେ ବିଜୟୀ ହେବେ । ପାରିବାରିକ ସୁଖ ସମ୍ମାନ ଲାଭ କରିବେ । ରୋଜଗାର ବୃଦ୍ଧି ହେବାର ସୂଚନା ।



**ମୀନ:** ଚାକିରୀ କ୍ଷେତ୍ରରେ କାର୍ଯ୍ୟ ସଫଳ ହେବ । ଦେହ ସୁସ୍ଥ ରହିବ । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୯।୯।୨୦୨୫, ଆଶ୍ୱିନ ଦି୧୩ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୩୬।୦୨ ଚନ୍ଦ୍ରୋଦୟ- ଦିଘ ୧୧।୫୧।୦୬**

**ସପ୍ତମୀ-** ଦିଘ ୪।୩୨ ପର୍ଯ୍ୟନ୍ତ । **ମୂଳା ନକ୍ଷତ୍ର ଓ ଧନୁ ରାଶି-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଦିଘ ୪।୩୨ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୪୧ ଗତେ ଘ ୭।୧୦ ମଧ୍ୟେ । ଦିଘ ୮।୫୦ ଗତେ ଘ ୧୧।୧୩ ମଧ୍ୟେ । **ପର୍ବୋତ୍ସବ-** ପୀଠେ ଦେବୀଙ୍କ ମହାଷ୍ଟମୀ, ମୃଣ୍ମୟୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା ଆରମ୍ଭ, ଭାଇ ଜିଉନ୍ତିଆ ପର୍ବ, ଫଳଧୁଆ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ଦୁଇଗୁଣା ବୃଦ୍ଧି

ମାତ୍ର ୪ ବର୍ଷ ମଧ୍ୟରେ ଦେଶରେ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ଘଟିଛି। ଦେଶର ରାଜ୍ୟଗୁଡିକ ମଧ୍ୟରେ ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ ଓ ଛତିଶଗଡ଼ରେ ବେକାରି ସ୍ଥିତି ଅତି ଦୟନୀୟ ବୋଲି ଏହି ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନର ଏହି ରିପୋର୍ଟ ନିକଟରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଦେଇଥିବା ମନ୍ତବ୍ୟକୁ ସଠିକ୍ ପ୍ରମାଣିତ କରୁଛି। ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଏବଂ ଇନଷ୍ଟିଚ୍ୟୁଟ୍ ଅଫ୍ ହ୍ୟୁମାନ ଡେଭଲପମେଣ୍ଟ (ଆଇଏଚ୍ଡି)ର ଯୁଗ୍ମ ପ୍ରୟାସରେ ପ୍ରସ୍ତୁତ 'ଭାରତ ନିଯୁକ୍ତି ରିପୋର୍ଟ ୨୦୨୪' ଶୀର୍ଷକ ଏହି ରିପୋର୍ଟରେ ଦେଶର ବେକାରି ସ୍ଥିତିକୁ ନେଇ ବିସ୍ତୃତ ଭାବେ ତଥ୍ୟ ଦିଆଯାଇଛି। ଏହି ରିପୋର୍ଟକୁ ମୁଖ୍ୟ ଅର୍ଥନୀତିଜ୍ଞ ଉପଦେଷ୍ଟା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ୍ ଉନ୍ମୋଚନ କରିଛନ୍ତି। ଯଦି ଭାରତରେ ୧୦୦ ଜଣେ ବେରୋଜଗାରି ଅଛନ୍ତି, ତେବେ ଏଥିରୁ ୮୩ ଜଣ କେବଳ ଯୁବ ବର୍ଗର ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଛଡା ସେଥିରେ ଅଧିକାଂଶ ଯୁବ ଶିକ୍ଷିତ ବେକାରି। ଆଇଏଲ୍ଓର ରିପୋର୍ଟ ଅନୁସାରେ ୨୦୦୦ ମସିହା ତୁଳନାରେ ଦେଶରେ ବର୍ତ୍ତମାନ ଶିକ୍ଷିତ ବେକାରିଙ୍କ ସଂଖ୍ୟା ଦୁଇଗୁଣ ବୃଦ୍ଧି ହୋଇଛି। ୨୦୦୦ ମସିହାରେ ଶିକ୍ଷିତ ବେରୋଜଗାରୀଙ୍କ ସଂଖ୍ୟା ୩୫.୨ ପ୍ରତିଶତ ରହିଥିଲା। ହେଲେ ୨୦୨୨ରେ ଏହି ସଂଖ୍ୟା ବୃଦ୍ଧି ପାଇ ୬୫.୭ ପ୍ରତିଶତରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଏହି ଗବେଷଣାରେ ସେହି ଶିକ୍ଷିତ ଯୁବବର୍ଗଙ୍କୁ ସାମିଲ୍ କରାଯାଇଛି ଯେଉଁମାନେ ଅତି କମ୍ରେ ମାଟ୍ରିକ୍ ପାସ୍ କରିଛନ୍ତି। ଆଇଏଲ୍ଓର ଏହି ରିପୋର୍ଟ ଆସିବାର ଦିନକ ପୂର୍ବରୁ ଶ୍ରୀ ରାଜନ କହିଥିଲେ ଯେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ନେଇ ଯେଉଁ ପ୍ରଚାର ଚାଲିଛି ତା'କୁ ବିଶ୍ୱାସ କରିବା ଉଚିତ୍ ନୁହେଁ। ଏପରି କରିବା ଭୁଲ୍ ହେବ। ଆମକୁ ପ୍ରଥମେ ଆମର ଅର୍ଥନୀତିରେ ରହିଥିବା ମୂଳ ଢାଞ୍ଚାଗତ ସମସ୍ୟା ଦୂର କରିବା ଆବଶ୍ୟକ। ଆମର ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ଜରୁରୀ ବୋଲି ସେ କହିଥିଲେ। ରାଜନ୍ଙ୍କ କଥାକୁ ପରୋକ୍ଷରେ ଠିକ୍ ଦର୍ଶାଇ ଆଇଏଲ୍ଓ ତା'ର ରିପୋର୍ଟରେ କହିଛି ଯେ ଦଶମ ଶ୍ରେଣୀ ପରେ ଦେଶରେ ପିଲାମାନଙ୍କର ଅଧାରୁ ପାଠ ଛାଡିବା ହାର ଏବେ ବି ବଡ଼ ସମସ୍ୟା। ଉଚ୍ଚଶିକ୍ଷା କ୍ଷେତ୍ରରେ ଦେଶରେ ଅନେକ ନାମଲେଖା ହେଉଛି, କିନ୍ତୁ ଏହି କ୍ଷେତ୍ରରେ ଶିକ୍ଷାର ସ୍ତର ଚିନ୍ତାଜନକ ରହିଛି। ଆଇଏଲ୍ଓ ରିପୋର୍ଟରେ ଭାରତୀୟଙ୍କ ଆୟକୁ ନେଇ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି। ବଢୁଛି ଦେଶ। ଅଭିବୃଦ୍ଧି ପଥରେ ଅର୍ଥନୀତି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହୋଇଥିବ। ଖୋଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କଥାକୁ ଦୋହରାଉଛନ୍ତି। ହେଲେ ଦେଶର ବାସ୍ତବ ଚିତ୍ର ଓଲଟା। କାଳ କାଳ ଧରି ଗରିବି ଲୋକଙ୍କ ପିଛା ଛାଡୁ ନ ଥିବାବେଳେ ଏ ଯାଏ ବେକାରି ବେଡିରୁ ମୁକୁଳିପାରୁନି ଦେଶ। ଭାରତର ବେକାରି ସ୍ଥିତିକୁ ନେଇ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ପାଖାପାଖି ୨୭ ପ୍ରତିଶତ ଯୁବବର୍ଗ ରହିଛନ୍ତି, କିନ୍ତୁ ଏହାର ଏକ ବଡ଼ ଅଂଶ ବେରୋଜଗାର। ଦେଶର ୮୩% ଯୁବବର୍ଗ ବେକାର। ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏହା କୁହାଯାଇଛି। କେବଳ ଏତିକି ନୁହେଁ କରୋନା ମହାମାରୀ ପରଠାରୁ ଦେଶରେ ଖୁବ୍ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି ବେକାରିଙ୍କ ସଂଖ୍ୟା। ୨୦୧୯ ପରେ ନିୟମିତ ଦରମାପ୍ରାପ୍ତ କର୍ମଚାରୀ ଓ ସ୍ୱୟଂ ରୋଜଗାରକ୍ଷମ କର୍ମଚାରୀଙ୍କ ଆୟ ହ୍ରାସ ପାଇଛି। ଅନ୍ୟପଟେ ଅଣକୁଶଳୀ ଶ୍ରମ ସମ୍ବଳରେ ଠିକା କର୍ମଚାରୀମାନଙ୍କୁ ୨୦୨୨ ପରେ ଠିକ୍ ଭାବରେ ସର୍ବନିମ୍ନ ମଜୁରି ମିଳିନାହିଁ। ଭାରତ ପାଇଁ ବର୍ତ୍ତମାନ ବଡ଼ କଠିନ ସମୟ ରହିଛି। ଏଭଳି ସ୍ଥିତିରେ ଭାରତ ଏହାର ବୃହତ୍ ଯୁବ ଶ୍ରମ ସମ୍ବଳର ଲାଭ ପାଇପାରୁ ନ ଥିବା ଏହି ରିପୋର୍ଟରେ କୁହାଯାଇଛି।

# ମାତୃ ମହିମାରେ ମାଆ ଝାଞ୍ଜିରୀମଙ୍ଗଳା



ଗୀତାଞ୍ଜଳି କର
ମୋ. -୭୦୦୮୯୪୭୫୨୬
ଝାଞ୍ଜିରୀମଙ୍ଗଳା,
ମିଶ୍ର ବିଲ୍ଡ, କଟକ

ହିନ୍ଦୁ ସଂସ୍କୃତିର ପରମ୍ପରାରେ ଶକ୍ତି ପୂଜାର ବୈଶିଷ୍ଟ୍ୟ ସର୍ବପ୍ରାଚୀନ । ଶକ୍ତି ଉପାସନାର ଉତ୍ପତ୍ତି ବୈଦିକ ଯୁଗରୁ ପ୍ରଚଳିତ । ଆଦିଶକ୍ତି ମାଆ ପାର୍ବତୀଙ୍କୁ ଯେଉଁମାନେ ପୂଜା କଲେ ସେମାନେ ଶାକ୍ତ ସମ୍ପ୍ରଦାୟର । ଶାକ୍ତ ସମ୍ପ୍ରଦାୟର ଭକ୍ତଗଣ ଦେବୀଙ୍କୁ ସର୍ବଶକ୍ତିମାନ ଭାବରେ ଗ୍ରହଣ କଲେ। ସ୍ମୃତି ଓ ଶୃତି ଗ୍ରନ୍ଥ ଶାକ୍ତ ପରମ୍ପରାର ପ୍ରଧାନ ଐତିହାସିକ ଆଧାର ବୋଲି ଜଣାଯାଏ । କାରଣ ଶାକ୍ତ ଧର୍ମର ବିକାଶ ବୈଦିକ ତଥା ସନାତନ ଧର୍ମ ସହିତ ଯୋଡି ହୋଇ ରହିଛି । ତେଣୁ ଶକ୍ତି ହିଁ ସୃଷ୍ଟିର ମୂଳ ତତ୍ତ୍ୱ । ସୃଷ୍ଟିର ଘଟନ ଓ ବିଘଟନ ସବୁ ସର୍ବଶକ୍ତିମୟୀ ମାଆଙ୍କ ପାଦରେ । ସୃଷ୍ଟିର ପ୍ରଥମ ପୁରୁଷ ହିରଣ୍ୟଗର୍ଭ ବ୍ରହ୍ମା ଶକ୍ତିର ଆରାଧନା କରିଥିଲେ । ଏ ସମ୍ବନ୍ଧରେ ଦେବୀ ଭାଗବତ ଓ ଶ୍ରୀମଦଭାଗବତ କହେ ସୃଷ୍ଟିକର୍ତ୍ତା ବ୍ରହ୍ମଦେବ ପ୍ରଥମେ ନିଜକୁ ପଦ୍ମପୁଷ୍ପରେ ଥିବାର ଦେଖିଲେ। ଏହାର ଗୁଢରହସ୍ୟ ଖୋଜିବାକୁ ଚେଷ୍ଟା କଲେ । ପଦ୍ମର ନାଡ଼ ଦେଇ ସେ ତଳକୁ ଗଲେ । କିନ୍ତୁ ଆଶ୍ଚର୍ଯ୍ୟ ପଦ୍ମର ମୂଳକୁ ପାଇଲେ ନାହିଁ । ପୁଣି ଉପରକୁ ଆସି ଦେଖନ୍ତି ତ ପଦ୍ମ ପୁଷ୍ପ ନାହିଁ । ଏକଥାର ରହସ୍ୟ ଖୋଜି ଖୋଜି ସେ ଥକା ହୋଇଗଲେ । ଶୟନରେ ଥିବା ଶ୍ରୀହରି ବିଷ୍ଣୁଙ୍କୁ ଉଠାଇବାକୁ ଚେଷ୍ଟା କଲେ । ବିଷ୍ଣୁ ନ ଉଠିବାରୁ ବିଷ୍ଣୁଙ୍କ ପ୍ରତି ବ୍ରହ୍ମଦେବ ହେୟ ଭାବ ଆଣିଲେ । ଏଇ ସମୟରେ ଶ୍ରୀହରିଙ୍କ କର୍ଣ ମଳିରୁ ଦୁଇଟି ରାକ୍ଷାସ ଜନ୍ମ ହେଲେ । ସେମାନେ ବ୍ରହ୍ମଦେବଙ୍କୁ ନିର୍ଯାତନା ଦେଲେ । ବିଷମ ପରିସ୍ଥିତିରେ ପଡି ବ୍ରହ୍ମଦେବ ଶ୍ରୀହରିଙ୍କୁ ସ୍ତୁତି କଲେ । କିନ୍ତୁ ନିଦ୍ରାଭଙ୍ଗ ହେଲାନାହିଁ । ଯେତେବେଳେ ନିଦ୍ରାରୂପେଣ ଶକ୍ତିଙ୍କୁ ସ୍ତୁତି କଲେ ସେତେବେଳେ ନିଦ୍ରା ଦେବୀ ସ୍ତୁତିରେ ପ୍ରସନ୍ନ ହୋଇ ଶ୍ରୀହରିଙ୍କୁ ଉଠାଇଲେ । ସୃଷ୍ଟିର ରକ୍ଷା ପାଇଁ ଶ୍ରୀହରି ସେଇ ରାକ୍ଷସ ମଧୁ କୈଟଭ ଦୁହିଁଙ୍କୁ ନାଶ କଲେ । ତେଣୁ ଶକ୍ତି ପୂଜାର ଆବଶ୍ୟକତା ସୃଷ୍ଟିର ଆରମ୍ଭରୁ ହିଁ ଅଛି। ଶକ୍ତି ପୂଜାର ପ୍ରାଚୀନତା ଋକବେଦର ମନ୍ତ୍ର ପ୍ରମାଣ ଦିଏ... 'ଅହଂ ଜନାୟ ସମଦଂ କୃଣୋମ୍ୟହଂ ।' ଅର୍ଥାତ ମୁଁ ଜନମାନସରେ ଯୁଦ୍ଧରତ ରହେ । ମୁଁ ହିଁ ପୃଥିବୀ ଓ ଆକାଶକୁ ବ୍ୟାପ୍ତ ଅଟେ। ତେଣୁ ଦେବୀ ଭାଗବତରେ ଶକ୍ତି ପୂଜାର ମହିମା କହେ...

"ସେ ଚୈତନ୍ୟରୂପିଣୀ ଶକତି ଈଶ୍ୱରୀ



ଧର୍ମ ଅର୍ଥ କାମ ମୋକ୍ଷର ଅଧିକାରୀ
ଯଥା ବିଧି ଭକ୍ତିରେ ତାହାଙ୍କୁ ଯେ ପୁଜେ
ସମସ୍ତ ମନୋରଥ ଦିଅନ୍ତି ସେ ନିଜେ"।

ସକଳ ଚରାଚରରେ ଶକ୍ତି ରୂପରେ ମାଆ ପ୍ରକଟ ହୋଇ ସକଳ କାର୍ଯ୍ୟକୁ ଆଗେଇ ନିଅନ୍ତି । ସର୍ବ କାରଣର କାରିକା ହେଉଛନ୍ତି ଶକ୍ତିମୟୀ ମାଆ । ମାଆ ହିଁ ଶାନ୍ତି, କାନ୍ତି ଓ କ୍ଷାନ୍ତି । ସେ ମସ୍ତିଷ୍କରେ ବୁଦ୍ଧି, ଆତ୍ମାରେ ବିଦ୍ୟା, ଭାବରେ ଶ୍ରଦ୍ଧା, ହୃଦୟରେ ଭକ୍ତି ଭାବରେ ବିରାଜିତ । ସେହିଁ ଭଣ୍ଡାରରେ ଲକ୍ଷ୍ମୀ, ଇଛାରେ ତୃଷ୍ଣା, ପେଟର କ୍ଷୁଧା ଆଉ ଅସନ୍ତୋଷରେ ସନ୍ତୁଷ୍ଟି ଅଟନ୍ତି । ତେଣୁ ଶକ୍ତି ପୂଜାର ପ୍ରାଧାନ୍ୟ ଆମ ଜନ ଜୀବନରେ ବିଶେଷତ୍ୱ ରଖିଛି । ଏ ସମ୍ବନ୍ଧରେ ଦେବୀ ଭାଗବତ କହେ...

**'ସର୍ବଭୁତ ପଦାର୍ଥ ଆଧାର ଗୋ**
**ମାତ**
**ସର୍ବପ୍ରାଣୀମାନଙ୍କ ପ୍ରାଣଟି ତୁମେ ତ**
**ତୁମେ ତ ବୁଦ୍ଧି, କାନ୍ତି, ଲକ୍ଷ୍ମୀ,**
**କ୍ଷମା, ଶାନ୍ତି**
**ଶ୍ରଦ୍ଧା, ମେଧା ସ୍ମୃଦ୍ୟା, ବିଦ୍ୟା,**
**ଧୃତି ସ୍ମୃତି'।**

ପୁରେ ପୁରେ ମାତୃଶକ୍ତିର ମହିମା ଆମ ସଂସ୍କୃତିର ସତ୍ତା ଅଟେ। ଐତିହ୍ୟମୟ କଟକ ସହରରେ ଶକ୍ତି ପୂଜାର ବିଶେଷ ପ୍ରସିଦ୍ଧି ଅଛି । ଅନେକ ଶକ୍ତିପୀଠମାନଙ୍କ ମଧ୍ୟରୁ ମାଆ ଝାଞ୍ଜିରୀମଙ୍ଗଳାଙ୍କ ପୀଠ ଅନ୍ୟତମ । ଏଠାରେ ମାଆଙ୍କର ପୂଜାର୍ଚ୍ଚନାର ପ୍ରାଚୀନତା ସମ୍ବନ୍ଧରେ କହିବା ଅସମ୍ଭବ। ତଥାପି କୁହାଯାଏ କଳିଙ୍ଗର ସାଧବ ପୁଅମାନେ ଝଞ୍ଜିରୀମଙ୍ଗଳାଙ୍କ ନିକଟରେ ପୂଜା ସାରି ବାଣିଜ୍ୟ ପାଇଁ ବାହାରୁଥିଲେ । ସେତେବେଳେ ଇତିହାସରେ ଏହି ଅଞ୍ଚଳର ନାମ ଲୁଣିଆ ସାହି ବୋଲି ବର୍ଣ୍ଣିତ ଅଛି । କାରଣ ସ୍ଥାନୀୟ ଲୋକେ ଲୁଣ ବୋଝେଇ ଜାହାଜରୁ ଲୁଣ ଖଲାସ ପାଇଁ ଗୋଟିଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପ୍ରାୟତଃ ଷୋଳଶହରୁ ସତରସହ ଖ୍ରୀଷ୍ଟାବ୍ଦ ମଧ୍ୟରେ ଏହି ମନ୍ଦିର ନିର୍ମାଣ ହୋଇଥିଲା ବୋଲି ଅନୁମାନ। ଆଉ ମଧ୍ୟ କୁହାଯାଏ ଏହା ତୃତୀୟ ଅନଙ୍ଗ ଭୀମଦେବଙ୍କ ସମୟରେ ହିଁ ନିର୍ମାଣ ହୋଇଥିଲା । କାରଣ ତୃତୀୟ ଅନଙ୍ଗ ଭୀମ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ତାଙ୍କ ରାଜତ୍ୱ ସମୟରେ ସେ ଅନେକ ମଠ, ମନ୍ଦିର ନିର୍ମାଣ କରିଥିଲେ। ଯେହେତୁ କଟକ ତାଙ୍କର ରାଜଧାନୀ ଥିଲା ସେହି ସମୟରେ ଏହି ମନ୍ଦିର ନିର୍ମାଣ ହୋଇଥାଇପାରେ ବୋଲି ଅନୁମାନ । ସମ୍ପୂର୍ଣ୍ଣ କଟକ ସହରଟି ପଠାରେ ଅବସ୍ଥିତ ଥିଲା । ଏପଟେ କାଠଯୋଡି ସେପଟେ ମହାନଦୀ ମଝିରେ କଟକ । ଝାଞ୍ଜିରୀମଙ୍ଗଳାଙ୍କ ଆବିର୍ଭାବ ସମୟରେ ସ୍ଥାନଟି ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଜନବସତି ଆଦୌ ନ ଥିଲା । ଥରେ ଦଳେ ଲୋକ ଆସି ଏହି ଘଞ୍ଚ ଜଙ୍ଗଲକୁ ସଫାକରି ବସବାସ କଲେ । ସେମାନେ କାଠକାଟି ତଥା ବନଜାତ ଜିନିଷକୁ ବିକ୍ରୟ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । କୁହାଯାଏ ଏହି ଜନ ବସତିକୁ ଥରେ ରାଜସ୍ଥାନରୁ ଜଣେ ସାଧୁ ଆସିଥିଲେ। ସ୍ୱଚ୍ଛ ବାତାବରଣକୁ ଦେଖି ତାଙ୍କୁ ବେଶ ଖୁସି ଲାଗିଲା । କାଳକ୍ରମେ ସେ ସେଠାରେ ରହିଲେ । ଦିନସମୟରେ ସାଧୁ ଭିକ୍ଷା କରନ୍ତି ସନ୍ଧ୍ୟା ସମୟରେ ପ୍ରଭୁଙ୍କ ଆରାଧନାରେ ବସନ୍ତି। ସାଧୁଙ୍କ ସମ୍ପର୍କରେ ଆସିଲା ପରେ ଅଞ୍ଚଳର ଲୋକେ ଆନନ୍ଦ ଅନୁଭବ କଲେ । ସେମାନେ ସନ୍ଧ୍ୟା ସମୟକୁ ଚାଲିଆସୁଥିଲେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ । ସାଧୁଙ୍କ ଅମୃତବାଣୀରେ ସେମାନେ ବିମୋହିତ ହେଉଥିଲେ । ଅଞ୍ଚଳଟି ସାଧୁଙ୍କୁ ପାଇ କୃତକୃତ୍ୟ ହୋଇଥିଲା। କିଛିଦିନ ଗଲାପରେ ଲୋକେ ସ୍ଥିର କଲେ ଆମେ ସାଧୁଙ୍କର ରହିବା ଓ ଖାଇବା ପାଇଁ ବ୍ୟବସ୍ଥା କରିଦେଲେ ସାଧୁ ଆଉ ଭିକ୍ଷା କରିବାକୁ ଯିବେ ନାହିଁ । ସେଇକଥା ହେଲା ସାଧୁ ଆଉ ଭିକ୍ଷା କରିବାକୁ ଗଲେ ନାହିଁ । ସ୍ଥାନୀୟ ଲୋକଙ୍କ ତତ୍ତ୍ୱାବଧାନରେ ସବୁ ବ୍ୟବସ୍ଥା ହୋଇଗଲା । ଘଞ୍ଚ ଜଙ୍ଗଲର ଶାନ୍ତିମୟ ପରିବେଶରେ ସାଧୁ ଆସ୍ଥାନରେ ବସି ନୈତିକ ପ୍ରଭୁ ଚିନ୍ତନରେ ତନ୍ମୟ ରହିଲେ । ସନ୍ଧ୍ୟା ସମୟରେ ଲୋକଙ୍କୁ ଚିନ୍ମୟ ଚିନ୍ତନର ଜ୍ଞାନ ଦେଲେ । ସେମାନଙ୍କ ସାଂସାରିକ ଦୁଃଖ କଷ୍ଟକୁ ଲାଘବ କରିବା ପାଇଁ ସରଳ ଉପାୟର ପଦ୍ଧତିସବୁ ବତାଇ ଦେଲେ। ଲୋକେ ଉପକୃତ ହୋଇ ସାଧୁଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସକୁ ଦୃଢ଼ୀଭୂତ କଲେ । ଦିନକର କଥା ସୂର୍ଯ୍ୟୋଦୟର ରକ୍ତିମ ଆଭାରେ ପ୍ରକୃତିରାଣୀ ଚଳଚଞ୍ଚଳ ହେଉଥିଲା। ପକ୍ଷୀର କାକଳୀରେ ସାରା ପରିବେଶ ଯେପରି ଉଷା କାଳୀନ ମନ୍ତ୍ରକୁ ଜପ କରୁଥିଲେ। ଏହି ସମୟରେ ଆସନରେ ଧାନସ୍ଥ ସାଧୁ କିଛି ଅନୁଭବ କଲେ । ଚକ୍ଷୁ ଉନ୍ମୀଳନ କରି ଦେଖିଲେ ଗଛର ଅଢୁଆଳରେ ଝିଅଟିଏ ଓଢଣା ଦେଇ ଛିଡା ହୋଇଛି । କଳା ଶାଢୀକୁ ବହେ ଗହଣା ଗାଣ୍ଠି ପିନ୍ଧିଛି । ସାଧୁଙ୍କୁ ଦିବ୍ୟତାର ଆଭାସ ମିଳିଲା । ଅଗନା ଅଗନି ବନସ୍ତରେ ଏକାକିନୀ ଝିଅଟିକୁ ଦେଖି ସାଧୁ ବିଚଳିତ ହେଇ ପଚାରିଲେ ମାଆ ତୁ କିଏ ? ଏତେ ସକାଳୁ ଏକାକୀ କାହିଁକି ବୁଲୁଛୁ ? ତୋ ଘର କେଉଁଠି ? ତୁ କାହା ଘର ଝିଅ ଅଥବା ବୋହୁ ମୋତେ କହ। ସେ କିଛି ନ କହି ନୀରବତା ରକ୍ଷା କରିଥିଲା । ଏଇ ସମୟରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ଲୋକଙ୍କୁ ଦେଖି ସାଧୁ କହିଲେ ଝିଅଟିକୁ ଦେଖ । କେଉଁଠୁ ଆସିଛୁ ପଚାରିଲେ କହୁନି । ଲୋକେ ମଧ୍ୟ ଝିଅଟିକୁ ଅଚିହ୍ନା ବୋଲି କହିଲେ । ସାଧୁ ସମସ୍ତଙ୍କ ସମ୍ମତିରେ ଝିଅଟିର ମୁଣ୍ଡରୁ ଓଢଣା କାଢ଼ିଦେଲେ । କିନ୍ତୁ ଝିଅଟିର ଶରୀର ଶିଳା ବିଗ୍ରହ ହୋଇଗଲା । ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇପଡିଲେ । ସାଧୁ ଭାବିଲେ କିଛି ଭୁଲ ହେଲା ନିଶ୍ଚୟ । ଏତିକି ବେଳେ ଶୁନ୍ୟବାଣୀ ହେଲା 'ମୁଁ ହେଉଛି ମଙ୍ଗଳା' । ଏଇ ପରିବେଶ ମୋତେ ବିମୁଗ୍ଧ କଲା । ତେଣୁ ମୁଁ ଏଠାରେ ରହି ସମସ୍ତଙ୍କ ମଙ୍ଗଳ କରିବି। ସେଦିନଠାରୁ ମାଆଙ୍କୁ ସିନ୍ଦୁର ମୁଖା କରି ପୂଜା କରାଗଲା । ଯାପରଠୁ ମାଆ ମଙ୍ଗଳାଙ୍କ ସ୍ତିତି ପ୍ରଶସ୍ତି ବିସ୍ତାର ହେଲା । ମାଆଙ୍କୁ ପ୍ରସନ୍ନ କରି ଭକ୍ତଗଣ ସୁଖ ସମୃଦ୍ଧିରେ ଚଳିଲେ। ମାଆଙ୍କ ଅନେକ ନାମ । ଯେଉଁ ନାମରେ ଭକ୍ତି କଲେ ମାଆ ସାହା ହେବେ । ଶ୍ରୀମତଭାଗବତ କହେ....

**'ଜୟା ବିଜୟା ଭଦ୍ରାକାଳୀ**
**ମଙ୍ଗଳା ଚଞ୍ଚଳା କଙ୍କାଳୀ**
**ଦୁର୍ଗା ଅମ୍ବିକା ନାରାୟଣୀ**
**ଏକୁ ଆରେକ ନାମ ଭଣି'**

ମାଆ ମଙ୍ଗଳା ଝାଞ୍ଜିରୀ ମଙ୍ଗଳା ହେବା ସମ୍ବନ୍ଧରେ ଅନେକ ମତ ଦେଖାଯାଏ । ଦିନେ ବୈଶାଖର ତାତିରେ ଜଣେ କୁଷ୍ଠ ରୋଗୀ ଚାଲି ଚାଲି ଆସୁଥିଲା। ଅସହ୍ୟ ତାତିରେ ସେହି ବାଲିଆ ଅଞ୍ଚଳରେ ଚାଲି ନ ପାରି ସେ ପଡିଗଲା । ଦେହର କଷ୍ଟକୁ ସହ୍ୟ କରି ନ ପାରି ସେ ନିଜକୁ ରକ୍ଷା କରିବାକୁ ବୁଦ୍ଧି ପାଉନଥିଲା। କୋଚିଳାଖାଇ ଗଛ ପାଖରେ ପୂଜା ପାଉଥିବା ମାଆଙ୍କୁ ସେ ଦେଖିପାରିଲା । ଆକୁଳରେ କହିଲା ମାଆ ତୁ ପଥରରୂପା । ମୋ କଷ୍ଟ ଦେଖିପାରୁନୁ! ସତରେ ଯଦି ତୁ ଅଛୁ ମୋ ଡାକ ଶୁଣ ଲୋ ମାଆ । ମୋତେ ଏହି କଷ୍ଟରୁ ତ୍ରାହି କର । ମଙ୍ଗଳମୟୀ ମାଆ ମଙ୍ଗଳା ଯାଇ ତାକୁ କୋମଳ ସ୍ପର୍ଶ ଦେଲେ । ପତ୍ରରେ ଖିରି, ଅନ୍ନ ଖାଇବାକୁ ଦେଲେ । ରୋଗୀଟି ତାକୁ ଖାଇ ସୁସ୍ଥ ଅନୁଭବ କଲା । ଆଶ୍ଚର୍ଯ୍ୟ ହୋଇ ନିଜ ଶରୀରକୁ ଦେଖିଲା । ପୂର୍ବର ବ୍ୟାଧିର କ୍ଷତସବୁ ଦୂର ହୋଇଯାଇଛି । ସୁସ୍ଥ ସବଳ ମଣିଷ ପରି ସେ ଭାବରେ କହିଲା ମାଆ ମୋର ଝାଞ୍ଜି ମଙ୍ଗଳା ସମସ୍ତଙ୍କୁ ଏମିତି କୃପାଦୃଷ୍ଟି ରଖିଥାଅ । ସେଦିନଠାରୁ ଝାଞ୍ଜିମଙ୍ଗଳାରୁ ଲୋକ ମୁଖରେ ଝାଞ୍ଜିରୀମଙ୍ଗଳା ରୂପେ ଖ୍ୟାତ ହେଲା । ପୁଣି କୁହାଯାଏ ଦେବୀଙ୍କ ଆସ୍ଥାନ ଓ ମଣ୍ଡପ ସବୁ ଝଞ୍ଜିରରେ ବେଷ୍ଟିତ ଥିଲା । ତେଣୁ ଝଞ୍ଜିରରୁ ଝାଞ୍ଜିରୀମଙ୍ଗଳା ହୋଇଛି। ଆଉ କିଏ କହନ୍ତି ମାଆଙ୍କ ମାଜଣା ସମୟରେ କେବଳ ଝାଞ୍ଜ ବଜାଇ ଭୋଗ ଲଗାଯାଉଥିଲା ତେଣୁ ଝାଞ୍ଜରୁ ଝାଞ୍ଜିରୀ ମଙ୍ଗଳା ହୋଇଛି । ଆଉ କିଏ କହନ୍ତି ଗଡଜାତ ଅଞ୍ଚଳରୁ ଝାଙ୍କର ଜାତିରୁ ଜଣେ କେହି ଆସିଥିଲେ ଏଠାକୁ । ମାଆଙ୍କ କାଳିସୀଙ୍କୁ ଦେଖି ସେ ନାଁ ଦେଇଥିଲେ ଝାଙ୍କରୀ ମାଆ । ଝାଙ୍କରୀରୁ ଝାଞ୍ଜିରୀ ମଙ୍ଗଳା ହୋଇଛି । ସେ ଯାହା ହେଉ ମାଆଙ୍କର ଏହି ନାମଟି ଲୋକମୁଖରେ ସଦା ଅତୁଟ ରହି ଏହି ଅଞ୍ଚଳ କାହିଁକି ଦୂର ଦୂରାନ୍ତରରେ ବିଖ୍ୟାତ । ମାଆଙ୍କ ପ୍ରତି ସହର ତଥା ଆଖପାଖ ଅଞ୍ଚଳରେ ଲୋକଙ୍କ ମନରେ ଅତୁଟ ବିଶ୍ୱାସ ଓ ଶ୍ରଦ୍ଧା ରହିଛି । ବିଭିନ୍ନ ରୋଗରେ ପୀଡିତ ଶ୍ରଦ୍ଧାଳୁମାନେ ଧାଇଁ ଆସନ୍ତି ମାଆଙ୍କ ଆଶୀର୍ବାଦରେ ସୁସ୍ଥ ହେବାପାଇଁ । ମାଆଙ୍କ ଆଶ୍ରିତ ଭକ୍ତ କେହି କେବେ ଖାଲିହାତରେ ଫେରନ୍ତି ନାହିଁ ବୋଲି ଜନଶ୍ରୁତି ମିଳେ । ଏଠାକୁ ଆସୁଥିବା ଭକ୍ତଟିଏ ଗଲାବେଳକୁ ଦୁଃଖ ପାଶୋରା ହୋଇ ଫେରେ । ମାଆଙ୍କର କୃପାଲାଭ ପାଇଁ ଭକ୍ତମାନଙ୍କର ସମାଗମ ପ୍ରତିଟି ସମୟରେ ଦେଖିବାକୁ ମିଳେ। ମାଆଙ୍କର ବର୍ଷସାରା ପର୍ବପର୍ବାଣୀ ଲାଗିରହିଥାଏ । କିନ୍ତୁ ଶାରଦୀୟ ଦୁର୍ଗାପୂଜା ଏଠାରେ ମହାସମାରୋହରେ ପାଳିତ ହୋଇଥାଏ । ମାଆଙ୍କର ଆବିର୍ଭାବ ସମୟରୁ ମାଆଙ୍କର ମହିମାକୁ ସମସ୍ତେ ଉପଲବ୍ଧ କରିଛନ୍ତି । ମାଆ ନିଃଶବ୍ଦ ରାତିରେ ନଗର ପରିକ୍ରମା କରନ୍ତି ତଥା ଅନେକ ଅଲୌକିକତା ମାଆ ଦେଖାନ୍ତି ବୋଲି ଲୋକେ କହନ୍ତି । ଦଶହରାରେ ମାଆଙ୍କ ପୂଜା ଷୋଡଶ ଉପଚାରରେ ହୁଏ । ପବିତ୍ର ମୂଳାଷ୍ଟମୀ ତିଥିରେ ମାଆଙ୍କର ଷୋଡଶ ପୂଜା ଆରମ୍ଭ ହୋଇ ଦଶହରା ଦିନ ସମ୍ପନ୍ନ ହୋଇଥାଏ। ଶୋଳ ଦିନରେ ଶୋଳଟି ବେଶ ମାଆ ଧାରଣ କରିଥାନ୍ତି। ଏହି ଶୋଳ ଦିନରେ...

ରାଜରାଜେଶ୍ୱରୀ, ଷୋଡସୀ, ଭୁବନେଶ୍ୱରୀ, ବୈଷ୍ଣବୀ, ରୁଦ୍ରାଣୀ, ଅନ୍ନପୂର୍ଣ୍ଣା, ମାଆ ଦକ୍ଷିଣକାଳୀ, ବଗଳାମୁଖୀ, କମଳା, ଗାୟତ୍ରୀ, ଉଗ୍ରତାରା , ବନଦୁର୍ଗା, ମହାସରସ୍ୱତୀ, ମହାକାଳୀ, ମହାଲକ୍ଷ୍ମୀ, ମହିଷାମର୍ଦ୍ଦିନୀ ବେଶ ହୋଇଥାନ୍ତି ।। ମହାଳୟାର ଅପରାହ୍ନରୁ ମାଆଙ୍କର ଶାକ୍ତ ଗୁଣ୍ଡିଚା ଯାତ୍ରା ଆରମ୍ଭ ହୋଇଥାଏ । ମାଆଙ୍କର ଚଳନ୍ତି ପ୍ରତିମାକୁ ନିମନ୍ତ୍ରଣ କରାଯାଇ ବିମାନରେ ବସାଇ ନଗର ପରିକ୍ରମା କରାଯାଏ । ଶ୍ରଦ୍ଧାଳୁ ଭକ୍ତ ମାଆଙ୍କୁ ନିଜ ଦ୍ୱାରରେ ପଣାଭୋଗ ଦେଇ ଆତ୍ମ ସନ୍ତୁଷ୍ଟି ପାଇଥାନ୍ତି । କରୁଣାମୟୀ ମାଆଙ୍କର କୃପାଲାଭ କରିଥାନ୍ତି । ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ନବରାତ୍ର ପୂଜାବିଧି ଆରମ୍ଭ ହୋଇ ମହାଷ୍ଟମୀରେ ପୀଠେଶ୍ୱରୀ ଝାଞ୍ଜିରୀମଙ୍ଗଳାଙ୍କ ସନ୍ଧିପୂଜା କରାଯାଇଥାଏ । ପ୍ରତ୍ୟହ ଚଣ୍ଡୀପାଠ, ହୋମଯଜ୍ଞର ବିଧି କରାଯାଏ । ମହାନବମୀ ପାଳନର ପରଦିନ ଦଶହରା ପର୍ବ ପାଳନ କରାଯାଏ। ଦଶହରାରେ ମାଆ ଝାଞ୍ଜିରୀ ମଙ୍ଗଳା ମହିଷାମର୍ଦ୍ଦିନୀ ବେଶ ହୋଇ ଭକ୍ତମାନଙ୍କୁ ଆଶୀଷ ଦିଅନ୍ତି । ଚୈତ୍ର ମାସର ନବରାତ୍ରରେ ମଧ୍ୟ ସେପରି ଷୋଡଶ ପୂଜା କରାଯାଏ । ବୈଶାଖରେ ପାଞ୍ଚଦିନ ଧରି ମାଆଙ୍କ ପାଖରେ ଯଜ୍ଞ କରାଯାଇଥାଏ । ମହାମାରୀ ପାଇଁ ଶ୍ରାବଣରେ ନଗର ପରିକ୍ରମା କରାଯାଏ । ମାଆ ନଗର ପରିକ୍ରମା କରି ଲୋକଙ୍କର ସୁଖଦୁଃଖ ଓ କଷ୍ଟ ନିବାରଣ କରନ୍ତି । ଏହାଛଡା ସବୁ ସଂକ୍ରାନ୍ତିରେ ମାଆଙ୍କ ପାଖରେ ଚୂଡ଼ାଘସା, ଭଜାମଣ୍ଡା ଓ ପଣା ଭୋଗ ଲଗାଯାଏ । ମାଆଙ୍କ ପାଖରେ ନିତ୍ୟ ସୁକୁଲି ଭୋଗ, ଖିରି, ଖେଚୁଡ଼ି କରାଯାଏ। ପ୍ରତି ମଙ୍ଗଳବାରରେ ମାଆଙ୍କୁ ପ୍ରିୟ ପଣାଭୋଗ ଦିଆଯାଏ । ମାଆଙ୍କର ପ୍ରଭାତ ଆଳତୀ ଓ ସନ୍ଧ୍ୟା ଆଳତୀ ଯେଉଁ ଭକ୍ତ ଦର୍ଶନ କରେ ନିଜକୁ ଭାଗ୍ୟବାନ ମଣେ। ସତେ ଯେମିତି ମାଆର ମମତାଭରା ଆଖିରୁ କୃପାଦୃଷ୍ଟି ସମସ୍ତଙ୍କ ଉପରକୁ ବରଷି ଦେଉଛନ୍ତି ଲାଗେ । ତେଣୁ ଭକ୍ତ କଣ୍ଠରୁ ଶୁଭିଯାଏ ଦୁର୍ଗା ସପ୍ତସତୀ ଶ୍ଳୋକରୁ ପଦେ..,

**'ସର୍ବ ମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ**
**ଶରଣ୍ୟେ ତ୍ରିମ୍ବିକେ ଗୌରୀ ନାରାୟଣୀ ନମୋସ୍ତୁତେ'।**

ଆଧୁନିକ ମନପ୍ରାଣ ଆଜି ଜାଗତିକ ସୁଖକୁ ବେଶ ପ୍ରାଧାନ୍ୟ ଦେଇଛି। ଆମେ ମନ୍ଦିରକୁ ଯାଇ ମାଆଙ୍କୁ ପୂଜୁଛୁ ସତ ଘରେ ଓ ସମାଜରେ ନାରୀକୁ ସେପରି ସମ୍ମାନ, ସହଯୋଗ ଦେବାକୁ କୁଣ୍ଠିତ । ତେଣୁ ମାଆଙ୍କର କୃପା ମିଳିବ କେମିତି । ମାଆ ତ ସକଳ ଚେତନାରେ ସ୍ଥିତ। ପୁରେ ପୁରେ ଆଜି ନାରୀ ଶକ୍ତିକୁ ଅପମାନ ଓ ତାଡନା ମିଳୁଛି । ପ୍ରକୃତରେ ମଙ୍ଗଳମୟୀ ମାଆ ମଙ୍ଗଳା କଣ ଏହା ଆଶା କରୁଛନ୍ତି! ଜଗତର କଲ୍ୟାଣ ପାଇଁ ସୁଖ ସମୃଦ୍ଧିରେ ରହିବା ପାଇଁ ମାଆ ସର୍ବତ୍ର ବିଦ୍ୟମାନ । ମନ୍ଦିରରେ ଯେପରି ମାଆଙ୍କୁ ଆମେ ଭକ୍ତି ନିଷ୍ଠା ଦେଖାଉଛେ ସେପରି ପରିବାରରେ ତଥା ସମାଜରେ ନାରୀମାନଙ୍କୁ ଶ୍ରଦ୍ଧା, ସହଯୋଗ ମିଳିଲେ ମାଆର ପ୍ରସନ୍ନତା ସମସ୍ତଙ୍କ ପାଇଁ ନିଶ୍ଚୟ ରହିବ । ମାଆ ଝାଞ୍ଜିରୀମଙ୍ଗଳା ସମସ୍ତଙ୍କ ପାଇଁ ମଙ୍ଗଳପ୍ରଦା ହୋଇ ଆସ୍ଥାନରେ ବିରାଜମାନ କରିଥାନ୍ତୁ । ସାରା ଜଗତର କଲ୍ୟାଣ କରୁଥାନ୍ତୁ । ତାଙ୍କର କୃପାରୁ ସମସ୍ତେ ସୁଖଶାନ୍ତିରେ କାଳାତିପାତ କରନ୍ତୁ ଏହାହିଁ ଅତିରିକ୍ତ କାମନା...।

# ଜୟ ମା' ଦୁର୍ଗେ ଦୁର୍ଗତିନାଶିନୀ



ପ୍ରଶାନ୍ତ କୁମାର ନାୟକ
ୟୁନିଟ୍-୫; ଭୁବନେଶ୍ୱର
ଫୋନ୍ : ୮୨୪୯୬୫୦୪୧୪

ଆଶ୍ୱିନର କାଶତଣ୍ଡି ମାଆଙ୍କ ଆଗମନୀର ବାର୍ତ୍ତା ଦେଇସାରିଛି । ଜଗଜ୍ଜନନୀ ମା' ଦୁର୍ଗା ଧରାବତରଣ କରୁଛନ୍ତି । ଶାରଦୀୟ ନବରାତ୍ରୀ ଆଶ୍ୱିନ ମାସ ଶୁକ୍ଳପକ୍ଷ ପ୍ରତିପଦାଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ମା' ନଅଟି ରୂପରେ ପୂଜିତ ହେବେ । ପ୍ରଥମ ଦିନ ଘଟ ସ୍ଥାପନାରୁ ନବରାତ୍ରି ପୂଜା ଆରମ୍ଭ ହେଉଛି । ଘଟ ବା କଳସ ସ୍ଥାପନାରୁ ନବରାତ୍ରି ପୂଜା ଆରମ୍ଭ ହୋଇଥାଏ । ଲୋକ ବିଶ୍ୱାସ ଅଛିଯେ , ପିତଳ କଳସ ପରିବର୍ତ୍ତେ ମାଟିର କଳସରେ ଘଟ ସ୍ଥାପନାକଲେ ମା' ପ୍ରସନ୍ନ ହୋଇଥାଆନ୍ତି। ଏହି କଳସ ସ୍ଥାପନା ନୀତି ବ୍ରାହ୍ମ ମୁହୂର୍ତ୍ତରୁ କରାଯାଏ । ଏଥିପାଇଁ ପ୍ରଥମେ ପାଞ୍ଚ ପ୍ରକାରର ମୁରୁଜ ପକାଇ ଝୋଟି କରାଯାଇଥାଏ। ଏହାପରେ ସୁବର୍ଣ୍ଣ ଧାନ ରଖି ଏହା ଉପରେ ମାଟିର କଳସରେ ସ୍ୱଚ୍ଛ ଜଳ ପୂର୍ଣ୍ଣକରି ରଖାଯାଏ । ଏହି କଳସ ଉପରେ ନଅଟି ପତ୍ର ବିଶିଷ୍ଟ ଆମ୍ବଡାଳ ରଖି ପଇଡ ରଖାଯାଇଥାଏ । ଏହା ଉପରେ ସାଲୁକନା ପକାଇ କଳସରେ ସିନ୍ଦୁର ପ୍ରଲେପ କରାଯିବା ଦ୍ୱାରା ନବରାତ୍ରିର ପ୍ରଥମ ପର୍ବରେ ମା' ବିରାଜମାନ କରିବା ସହିତ ଭକ୍ତଙ୍କ ପୂଜାରେ ସନ୍ତୁଷ୍ଟ ହୋଇ ଆଶୀର୍ବାଦ ପ୍ରଦାନ କରନ୍ତି ।

ମାନ୍ୟତା ଅନୁସାରେ ସୃଷ୍ଟି ଆରମ୍ଭରୁ ପଞ୍ଚତତ୍ତ୍ୱର ବିଶେଷ ମହତ୍ତ୍ୱ ରହିଛି । ଏହି ପଞ୍ଚତତ୍ତ୍ୱ ବାୟୁ, ଅଗ୍ନି , ଜଳ, ପୃଥିବୀ ଓ ଆକାଶରୁ ମିଳିଥାଏ ଏବଂ ଏହି ପଞ୍ଚତତ୍ତ୍ୱ ସଂପୃକ୍ତ କଳସରେ ହିଁ ବଦ୍ୟମାନ ହୋଇଥାଆନ୍ତି । ହିନ୍ଦୁ ଧର୍ମାବଲମ୍ବୀମାନଙ୍କର ସବୁଠାରୁ ବଡ ପର୍ବ ବୋଲାଉଥିବା ନବରାତ୍ରି ପୂଜା ସାରା ଦେଶରେ ଆରମ୍ଭ ହୋଇଛି । ମନ ଓ ଶରୀରର ଶୁଦ୍ଧତା ପାଇଁ ପାଳନ କରାଯାଉଥିବା ଏହି ନଅଦିନିଆ ଉପବାସ କେବଳଯେ ଏକ ଧାର୍ମିକ ପ୍ରଥା ତାହା ନୁହେଁ ବରଂ, ଏହାର ଏକ ବୈଜ୍ଞାନିକ ଦୃଷ୍ଟିକୋଣ ମଧ୍ୟ ରହିଛି । ନବରାତ୍ରି ହେଉଛି ମାତା ଆଦିଶକ୍ତିଙ୍କର ଉପାସନାର ପର୍ବ । ଏହି ନବରାତ୍ରି ବାର୍ଷିକ ଦୁଇଥର ପାଳିତ ହୋଇଥାଏ । ଗୋଟିଏ ହେଲା ଚୈତ୍ର ମାସରେ ଏବଂ ଅନ୍ୟଟି ଆଶ୍ୱିନ ମାସର ଶାରଦୀୟ ନବରାତ୍ରି । ଏହି ନବରାତ୍ରି ହେଉଛି ଶକ୍ତିର ପୂଜନ ଏବଂ ଦୈତ୍ୟ ଶକ୍ତି ଉପରେ ବିଜୟର ପ୍ରତୀକ ।

ସଂପୃକ୍ତ ନବରାତ୍ରିର ଏକ ବିଶେଷ ମାହାତ୍ମ୍ୟ ରହିଛି । ମା' ଆଦିଶକ୍ତି ନଅ ଦିନରେ ନଅଗୋଟି ନାମରେ ଏବଂ ନଅଗୋଟି ସ୍ୱତନ୍ତ୍ର ରୂପରେ ପୂଜିତ ହୋଇଥାଆନ୍ତି । ନିମ୍ନରେ ଦେବୀ ମାଆଙ୍କର ଏହି ନଅଟି ବେଶର ନାମ ଓ ବିଶେଷତ୍ୱ ବର୍ଣ୍ଣିତ। ଯଥା–

୧. ଶୈଳପୁତ୍ରୀ – ଜଗଜ୍ଜନନୀ ମା' ଦୁର୍ଗାଙ୍କର ନଅଟି ରୂପଅଛି ଯାହାକୁ ଆମେ ନବଦୁର୍ଗା ବୋଲି କହିଥାଉ । ମାଆଙ୍କ ନଅଟି ରୂପ ମଧ୍ୟରୁ ପ୍ରଥମ ରୂପ ହେଲା ଶୈଳପୁତ୍ରୀ । ଶୈଳପୁତ୍ରୀର ଅର୍ଥ ହେଲା ପର୍ବତରାଜ



ହିମାଳୟଙ୍କ ପୁତ୍ରୀ ବା କନ୍ୟା । ମାଆଙ୍କ ମସ୍ତକରେ ଅର୍ଦ୍ଧ ଚନ୍ଦନ ଟୋପା, ଡାହାଣ ହସ୍ତରେ ତ୍ରିଶୁଳ ଏବଂ ବାମ ହସ୍ତରେ ପଦ୍ମ ପୁଷ୍ପ ଥାଏ । ମା' ନନ୍ଦୀ ବଳଦ ଉପରେ ଉପବେଶନ କରିଥା'ନ୍ତି । ମା' ଶଙ୍କରଙ୍କ ସହିତ ମିଶି ସକଳ ବିଶ୍ୱର ସଂଚାଳନ , ସର୍ଜନା ଓ ବିଲୟ ମଧ୍ୟ କରିଥାଆନ୍ତି । ନିଜର ୯୯ତମ ଜନ୍ମରେ ଦେବୀ ଦକ୍ଷ ପ୍ରଜାପତିଙ୍କ କନ୍ୟା ସତୀ ରୂପରେ ଜନ୍ମଲାଭ କରିଥିଲେ।

୨. ବ୍ରହ୍ମଚାରିଣୀ – ନବରାତ୍ରିର ଦ୍ୱିତୀୟ ଦିନ ଦେବୀ ମାଆ ବ୍ରହ୍ମଚାରିଣୀ ରୂପରେ ପୂଜିତ ହୁଅନ୍ତି । ବ୍ରହ୍ମ – ଅର୍ଥାତ୍ ତପସ୍ୟା ଏବଂ ଚାରିଣୀ ଅର୍ଥାତ୍ ଆଚରଣ । ଏହି କ୍ରମରେ ବ୍ରହ୍ମଚାରିଣୀର ଅର୍ଥ ହେଲା ତପର ଆଚରଣ କରୁଥିବା ଦେବୀ ମାଆ । ମାଆ ମହାଦେବଙ୍କୁ ନିଜ ପତି ରୂପେ ପାଇବାକୁ କଠୋର ତପସ୍ୟା କରିଥିଲେ । ଏହି ତପସ୍ୟା କାରଣରୁ ଦେବୀଙ୍କୁ ତପଚାରିଣୀ ବା ବ୍ରହ୍ମଚାରିଣୀ ବୋଲି କୁହାଯାଏ। ମାଆଙ୍କ ସ୍ୱରୂପ ଅତ୍ୟନ୍ତ ଉଜ୍ଜ୍ୱଳ ଓ ମହାନ। ନବରାତ୍ରିର ଦ୍ୱିତୀୟ ଦିନରେ ସାଧକର ମନ ସ୍ୱାଧୀଷ୍ଠାନ ଚକ୍ରରେ ରହିଥାଏ । ତପ କରିବା ଶକ୍ତି ମଧ୍ୟ ମାତା ଦେଇଥାଆନ୍ତି। କେବଳ ଶାରୀରିକ ତପସ୍ୟା ନୁହଁ ବରଂ ମାନସିକ ତପସ୍ୟା ଦ୍ୱାରା ନିଜ ଇନ୍ଦ୍ରିୟଗୁଡ଼ିକ ନିୟନ୍ତ୍ରିତ ହୋଇ ଥାଆନ୍ତି ।

୩. ଚନ୍ଦ୍ରଘଣ୍ଟା – ତୃତୀୟ ଦିନରେ ମା' ଏହି ରୂପରେ ପୂଜା ପାଆନ୍ତି । ଏହା ହେଉଛି ମାଆ ଦୁର୍ଗାଙ୍କର ତୃତୀୟ ସ୍ୱରୂପ । ମାଆଙ୍କର ଏହି ରୂପ ଅତ୍ୟନ୍ତ ଅଲୌକିକ ଓ ଶାନ୍ତି ପ୍ରଦାୟିନୀ। ଏହି ସ୍ୱରୂପରେ ମାଆଙ୍କ କପାଳରେ ଘଣ୍ଟା ଆକୃତିର ଅର୍ଦ୍ଧ ଚନ୍ଦ୍ର ରହିଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା ବୋଲି କୁହାଯାଏ। ମାଆଙ୍କର ଶରୀର ସର୍ବଦା ସ୍ୱର୍ଣ୍ଣ ଭଳି ଚମକୁଥାଏ । ଏହି ସ୍ୱରୂପରେ ମାଆଙ୍କର ଦଶଟି ଭୂଜା ରହିଥାଏ । ମସ୍ତକରେ ସୁଶୋଭିତ ଘଣ୍ଟାର ଭୟଙ୍କର ଶବ୍ଦରେ ରାକ୍ଷସମାନେ ଓ ଅନ୍ୟାନ୍ୟ ଅନିଷ୍ଟକାରୀ ଶକ୍ତି ଭୟଭୀତ ହୋଇଯାଆନ୍ତି । ଶୁଦ୍ଧ ମନରେ ମାଆଙ୍କୁ ଆରାଧନା କରିବାଦ୍ୱାରା ପୂର୍ବ ଜନ୍ମରୁ ମୁକ୍ତି ମିଳିଥାଏ।

୪. କୁଷ୍ମାଣ୍ଡା – ଦେବୀ ନିଜର ଧୀର ଏବଂ ଅଳ୍ପ ହାଲୁକା ହସ ମାଧ୍ୟମରେ ଅଣ୍ଡ ଅର୍ଥାତ୍ ବ୍ରହ୍ମାଣ୍ଡକୁ ଉତ୍ପନ୍ନ କରିଥିବାରୁ ମାତାଙ୍କୁ କୁଷ୍ମାଣ୍ଡା କୁହାଯାଏ । ଯେତେବେଳ କୌଣସି ସୃଷ୍ଟି ନଥିଲା , ଚତୁର୍ଦ୍ଦିଗରେ ଅନ୍ଧକାର ଭରି ରହିଥିଲା ସେତେବେଳେ ଦେବୀ ନିଜର ଈଶ୍ୱରୀୟ ହାସ୍ୟଦ୍ୱାରା ବ୍ରହ୍ମାଣ୍ଡର ସୃଷ୍ଟି କରିଥିଲେ। ସେଥିପାଇଁ ତାଙ୍କୁ ବ୍ରହ୍ମାଣ୍ଡର ମୂଳରୂପ ବା ଆଦିଶକ୍ତି କୁହାଯାଏ । ମାଆଙ୍କ ଅଷ୍ଟଭୂଜାରେ କମଣ୍ଡଳ, ଧନୁଷ , ବାଣ , କମଳ ପୁଷ୍ପ, ଅମୃତ ସମାନ କଳସ, ଚକ୍ର ଏବଂ ଗଦା ଶୋଭାପାଏ। ଅଷ୍ଟମ ହସ୍ତରେ ଜପ କରୁଥିବାର ଏକ ମାଳ ଅଛି ଯାହା ସମସ୍ତ ସଫଳତା ଏବଂ ଧନପ୍ରାପ୍ତିର ମୂଳ ଅଟେ । ଦେବୀଙ୍କର ବାସସ୍ଥାନ ସୂର୍ଯ୍ୟ ମଣ୍ଡଳର ଭିତର ଦୁନିଆରେ ଅଛି । ସୂର୍ଯ୍ୟ ମଣ୍ଡଳରେ ବାସକରିବାର ଶକ୍ତି କେବଳ ଦେବୀ କୁଷ୍ମାଣ୍ଡାଙ୍କର ରହିଥିବାରୁ ତାଙ୍କର ଶରୀରର କାନ୍ତି ସୂର୍ଯ୍ୟଙ୍କ ଭଳି ଉଜ୍ଜ୍ୱଳ ଅଟେ ।

୫. ସ୍କନ୍ଦମାତା – ଆଶ୍ୱିନ ଶୁକ୍ଳ ପଞ୍ଚମୀ ଦିନ ମାତାଙ୍କୁ ପୂଜା କରାଯାଉଥିବାରୁ ଏହି ଦିନକୁ ଗୁରୁପଞ୍ଚମୀ ବୋଲି କୁହାଯାଏ । ସ୍କନ୍ଦ ମାତା ଶବ୍ଦଟି ଯଥାକ୍ରମେ ସ୍କନ୍ଦ , ଯାହାର ଅର୍ଥ କାର୍ତ୍ତିକେୟ , ଯିଏ ଭଗବାନ ଶିବ ଏବଂ ମାତା ପାର୍ବତୀଙ୍କର ପୁତ୍ର ଓ ମାତାର ଅର୍ଥ ମାଆ । ଏହି ଦୃଷ୍ଟିରୁ ସ୍କନ୍ଦମାତାର ସଂପୂର୍ଣ୍ଣ ଅର୍ଥ ହେଲା କାର୍ତ୍ତିକେୟଙ୍କ ମାତା ।

୬. କାତ୍ୟାୟନୀ – ନବରାତ୍ରିର ଷଷ୍ଠ ଦିନରେ ପୂଜିତ ମାଆ କାତ୍ୟାୟନୀ ସମସ୍ତ ଦୁଷ୍ଟ ଶକ୍ତିର ବିନାଶ କାରିଣୀ । ମାଆଙ୍କର ଚାରିଗୋଟି ଭୂଜା ଅଛି । ଗୋଟିଏ ହସ୍ତ ମାଆ ବର ପ୍ରଦାୟିନୀ ମୁଦ୍ରାରେ ରଖିଥାଆନ୍ତି । ଦ୍ୱିତୀୟ ହସ୍ତ ଅଭୟ ମୁଦ୍ରାରେ ଥାଏ। ସେହି ଶକ୍ତି ସ୍ୱରୂପିଣୀ ସମସ୍ତ ଭକ୍ତମାନଙ୍କର ସୁରକ୍ଷା କରନ୍ତି । ତୃତୀୟ ହସ୍ତରେ ଖଣ୍ଡା ଧାରଣ କରିଛନ୍ତି ଏବଂ ଚତୁର୍ଥ ହସ୍ତରେ ମାତା ପଦ୍ମପୁଷ୍ପ ଧରିଥାଆନ୍ତି।

କତ ନାମକ ଜଣେ ଋଷିଥିଲେ ।ଏହି ଋଷିଙ୍କର କାତ୍ୟା ନାମକ ଜଣେ ପୁତ୍ର ମଧ୍ୟ ଥିଲେ । କାତ୍ୟାଙ୍କର କୌଣସି ସନ୍ତାନ ସନ୍ତତି ନଥିବାରୁ ସେ ମା' ଭଗବତୀଙ୍କର କଠୋର ତପସ୍ୟା କଲେ । ଏହି ସମୟରେ ମହିଷାସୁରର ଅତ୍ୟାଚାର କ୍ରମେ ଚରମ ସୀମାରେ ପହଞ୍ଚିବାକୁ ଲାଗିଲା । ସମସ୍ତ ଦେବଦେବୀ ଅତିଷ୍ଠ ହୋଇଗଲେ। ଏଥିରୁ ରକ୍ଷା କରିବାକୁ ସମସ୍ତ ଦେବଦେବୀ ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କଲେ । ଫଳରେ ଅତ୍ୟନ୍ତ କ୍ରୋଧିତ ହେବାରୁ ବିଷ୍ଣୁଙ୍କ ସମେତ ସମସ୍ତ ଦେବଦେବୀଙ୍କ ଚକ୍ଷୁରୁ ଅଗ୍ନି ପିଣ୍ଡୁଳା ନିର୍ଗତ ହେଲା । ସମସ୍ତ ଅଗ୍ନି ପିଣ୍ଡୁଳାଗୁଡିକ ଏକାଠି ହୋଇ ତାହା ଜଣେ ଶକ୍ତିଶାଳୀ ଦେବୀଙ୍କ ରୂପ ନେଲା ଏବଂ ଏହି ଦେବୀଜଣଙ୍କ କାତ୍ୟାଙ୍କ କନ୍ୟା ରୂପେ ଜନ୍ମ ନେଲେ ଯାହାଫଳରେ ତାଙ୍କର ନାମ କାତ୍ୟାୟନୀ ରହିଲା ।

୭. କାଳରାତ୍ରି – କାଳର ଅର୍ଥ ମୃତ୍ୟୁ ଏବଂ ରାତିର ଅର୍ଥ ଅନ୍ଧକାର । ମାତା କାଳରାତ୍ରିଙ୍କୁ କାଳୀ ରୂପେ ପୂଜା ମଧ୍ୟ କରାଯାଏ । ଏହି ରୂପରେ ମାଆଙ୍କର ଚାରିଗୋଟି ଭୂଜା ରହିଛି । ପ୍ରଥମ ହସ୍ତରେ ସେ ବରମୁଦ୍ରା ଅବସ୍ଥାରେ ରଖିଥାଆନ୍ତି। ଦ୍ୱିତୀୟ ହସ୍ତ ଅଭୟ ମୁଦ୍ରାରେ , ତୃତୀୟ ହସ୍ତରେ ବଜ୍ର ଧାରଣ କରିଛନ୍ତି ଏବଂ ଚତୁର୍ଥ ହସ୍ତରେ ମାଆଙ୍କର କଣ୍ଟାର ଅସ୍ତ୍ର ଅଛି । ଏହି ସ୍ୱରୂପରେ ମାଆଙ୍କର ତିନିଟି ଚକ୍ଷୁ ଅଛି । ତାଙ୍କର ବାହନ ହେଲା ଗଧ । ମାଆଙ୍କର ଏହି ସ୍ୱରୂପକୁ ପୂଜା ଅର୍ଚ୍ଚନା କଲେ ଭୂତ ପ୍ରେତ ଓ ଅନିଷ୍ଟକାରୀ ଶକ୍ତି ପ୍ରତି କୌଣସି ଭୟ ରହେନାହିଁ । ମାଆଙ୍କର ଶରୀରର ବର୍ଣ୍ଣ କୃଷ୍ଣ ବର୍ଣ୍ଣ । ଏହି କାରଣରୁ ତାଙ୍କୁ କାଳରାତ୍ରି କୁହାଯାଏ। ତାନ୍ତ୍ରିକମାନେ ନିଜର ଶକ୍ତି ବୃଦ୍ଧି ନିମନ୍ତେ ଏହିଭଳି ମାଆଙ୍କୁ ଅର୍ଦ୍ଧରାତ୍ରିରେ ପୂଜନ କରନ୍ତି । ଏହିଦିନ ତାଙ୍କର ତୃତୀୟ ନେତ୍ର ଖୋଲିଥାଏ । ଏହି ରୂପ ଧାରଣକରି ମାତା ଚଣ୍ଡମୁଣ୍ଡଙ୍କୁ ବଧ କରିଥିବାରୁ ତାଙ୍କର ଅନ୍ୟନାମ ଚାମୁଣ୍ଡା ଅଟେ ।

୮. ମହାଗୌରୀ – 'ମହା' ର ଅର୍ଥ ଅତ୍ୟନ୍ତ ଏବଂ 'ଗୌରୀ' ର ଅର୍ଥ ଶ୍ୱେତ। ମାଆଙ୍କର ଶରୀର ଗୌରବର୍ଣ୍ଣର । 'ଅଷ୍ଟ ବର୍ଷ ଭଗବତେ ଗୌରୀ' ଅର୍ଥାତ୍ ମାଆଙ୍କର ଆୟୁ ମାତ୍ର ଆଠ ବର୍ଷ। ତାଙ୍କର ସମସ୍ତ ଆଭୂଷଣ ଏବଂ ବସ୍ତ୍ର ଧଳା ରଙ୍ଗର ଅଟେ । ମହାଗୌରୀଙ୍କର ଅଷ୍ଟ ଭୂଜା ମଧ୍ୟରୁ ଉପର ଭାଗର ଡାହାଣ ହସ୍ତଟି ଅଭୟ ମୁଦ୍ରାରେ ଏବଂ ତଳ ଭାଗର ଡାହାଣ ହସ୍ତରେ ମା' ତ୍ରିଶୂଳ ଧାରଣ କରିଛନ୍ତି । ଉପର ଭାଗର ବାମ ହସ୍ତରେ ଡମ୍ବରୁ ଓ ତଳଭାଗର ବାମ ହସ୍ତଟି ବର ପ୍ରଦାନ ମୁଦ୍ରାରେ ରହିଛି । ମାଆଙ୍କର ବାହନ ବୃଷଭ । ମାଆଙ୍କର ଏହି ସ୍ୱରୂପ ହେଉଛି ସକଳ ଶକ୍ତିର ଆଧାର।

୯. ସିଦ୍ଧିଦାତ୍ରୀ – ଉତ୍ସବ ଓ ଉତ୍ସାହର ସହ ଚାଲେ । ମାଆ ଦୁର୍ଗାଙ୍କର ନବମ ଶକ୍ତିର ଉର୍ଜାରୁ ଜନ୍ମ ନେଇଛନ୍ତି ମା' ସିଦ୍ଧିଦାତ୍ରୀ ।

ମାର୍କଣ୍ଡେୟ ପୁରାଣ ଅନୁସାରେ ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରକାମ୍ୟ, ଈଶିତ୍ୱ, ଏହି ଅଷ୍ଟ ସିଦ୍ଧିର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' ସିଦ୍ଧିଦାତ୍ରୀ । ଦେବୀ ପୁରାଣ ଅନୁସାରେ ଭଗବାନ ଶିବ ମାତାଙ୍କ କୃପାରୁ ହିଁ ଏହି ସିଦ୍ଧି ପ୍ରାପ୍ତ କରିଥିଲେ। ମାତାଙ୍କ କୃପାରୁ ମହାଦେବଙ୍କର ଅର୍ଦ୍ଧ ଶରୀର ଦେବୀଙ୍କର ହୋଇଥିଲା । ଏହି ଶରୀର ଧାରଣପରେ ଅର୍ଦ୍ଧନାରୀଶ୍ୱର ନାମରେ ପୂଜ୍ୟ ହେଲେ । ଚତୁର୍ଭୁଜା ମା' ସିଦ୍ଧିଦାତ୍ରୀଙ୍କର ବାହନ ସିଂହ । ଦୁଇ ବାମହସ୍ତରେ ଶଙ୍ଖ ଓ କମଳ ପୁଷ୍ପ ଏବଂ ଡାହାଣ ହସ୍ତ ଦ୍ୱୟରେ ଗଦା ଓ ଚକ୍ର ଶୋଭାପାଏ । ସିଂହବାହିନୀ ମାଆଙ୍କୁ କେବଳ ମାନବ ନୁହନ୍ତି, ବରଂ ଦେବତା, ଗନ୍ଧର୍ବ, ଯକ୍ଷ ସମସ୍ତେ ପୂଜନ କରନ୍ତି । ଦେବୀ ପୁରାଣ ଅନୁସାରେ ସ୍ୱୟଂ ମହାଦେବ ମଧ୍ୟ ସିଦ୍ଧିଦାତ୍ରୀଙ୍କୁ ଆରାଧନା କରି ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଥିଲେ।

ସାଧକମାନେ ସାଧନାର ଶେଷ ପର୍ଯ୍ୟାୟରେ ସିଦ୍ଧିଦାତ୍ରୀଙ୍କଠାରୁ ସମସ୍ତ ସିଦ୍ଧିପ୍ରାପ୍ତ ହୋଇ ଜଳତତ୍ତ୍ୱରେ ମହାକାଳୀ, ଅଗ୍ନି ତତ୍ତ୍ୱରେ ତାରା , ଆକାଶ ତତ୍ତ୍ୱରେ ଧୂମାବତୀ, ଜୀବନୀ ତତ୍ତ୍ୱରେ ଛିନ୍ନମସ୍ତା, ଶକ୍ତି ତତ୍ତ୍ୱରେ ବଗଳାମୁଖୀ, ଆତ୍ମ ତତ୍ତ୍ୱରେ ଭୈରବୀ, ଜ୍ଞାନ ତତ୍ତ୍ୱରେ ମାତଙ୍ଗୀ, ସୌନ୍ଦର୍ଯ୍ୟ ତତ୍ତ୍ୱରେ ଶୋଡଷୀ, ଅନ୍ନ ତତ୍ତ୍ୱରେ କମଳାଙ୍କୁ ଅନୁଭବ କରିଥାଆନ୍ତି ।

ଲୋକ ବିଶ୍ୱାସ ଅଛିଯେ, ନବରାତ୍ରିର ନବମଦିନ ନଅ ଜଣ କୁଆଁରୀ କନ୍ୟାଙ୍କୁ ଦେବୀ ସ୍ୱରୂପ ପୂଜାକରି ସେମାନଙ୍କୁ ଉପହାର ଦେଲେ ଭକ୍ତର ମନୋବାଞ୍ଛା ପୂର୍ଣ୍ଣ ହୋଇଥାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ







କେନ୍ଦୁଝର: ଦୁର୍ଗାବଜାରରେ ନବରାତ୍ର ଅବସରରେ ଶ୍ରୀ ଶ୍ରୀ ମା' ଦୁର୍ଗା ଦେବୀଙ୍କର ନବ ଦୁର୍ଗାବେଶ (ଫଟୋ:ସୁରଜିତ୍ - ନ୍ୟୁଜ୍)

# ମାର୍କେଟ୍ କମ୍ପ୍ଲେକ୍ସରେ ତାଲା:କର୍ତ୍ତୃପକ୍ଷ ଉଦାସୀନ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ମାନଚିତ୍ରରେ ରମ୍ଭା ଏକ ବ୍ୟବସାୟ କେନ୍ଦ୍ର ରୂପେ ସୁପରିଚିତ ଥିଲା। ଦକ୍ଷିଣ ଓ ଉତ୍ତର ଓଡ଼ିଶାର ବିଭିନ୍ନ କେନ୍ଦ୍ରକୁ ମାଛ, ଚିଙ୍ଗୁଡ଼ି, କଙ୍କଡା, ଧାନ ଚାଉଳ ସହିତ ରାଇସିନ ସାମାନ ଅନେକ ଅଞ୍ଚଳକୁ ମହାଜନୀ ମାନଙ୍କ ଠାରୁ ସାମାନ କ୍ରୟ କରି ଶଗଡ଼ରେ ବୁହା ହେଉଥିଲା। କିନ୍ତୁ ଡିଜିଟାଲ୍ ଦୁନିଆରେ ସେପରି ଅବସ୍ଥା ନଥିଲେ ମଧ୍ୟ ମହାଜନୀମାନେ ଯାନବାହାନ, ରାସ୍ତାଘାଟ ସୁଦୂର ପ୍ରସାରି ହୋଇଥିବା ଯୋଗୁ ଯିଏ ଯେଉଁ ବାଟ ପାଇଲା ସାମାନ୍ ଉଠେଇ ଆଣିଲେ। କିନ୍ତୁ ବ୍ୟବସାୟୀ ପେଣ୍ଠସ୍ଥଳ ରମ୍ଭା ବଜାଇ ରଖିଥିଲେ ମଧ୍ୟ ମାର୍କେଟ୍ କମ୍ପ୍ଲେକ୍ସ ତାଲା ଝୁଲୁଥିବା ଲକ୍ଷ୍ୟ କରାଯାଇଛି। ଖାଲି ସେତିକି ନୁହେଁ ଦୁଇ ମହଲା ବିଶିଷ୍ଟ ଉଭୟ ମହଲାରେ ୩୪ ଗୋଟି ଦୋକାନ ଗୃହ ନିର୍ମାଣ ସରି ନିକଟ ଅତୀତରେ ରାଜ୍ୟ ବରିଷ୍ଠ ମନ୍ତ୍ରୀଙ୍କ ହସ୍ତକ୍ଷେପରେ ରିବନ୍ କାଟି ଶୁଭ ଉଦ୍‌ଘାଟନ ହୋଇଯାଇଥିଲା। କିନ୍ତୁ ବର୍ଷ ବିତି ଗଲାଣି ବିସ୍ଥାପିତଙ୍କ ଦୁଃଖ, ରାସ୍ତା କଡ଼ରେ କରୁଥିବା ବ୍ୟବସାୟୀ, ଅପେକ୍ଷାରତ ଦୀର୍ଘ ଦିନର ଦୋକାନ ଗୃହ ଆଶାୟୀ। ଏହି ଦହ ଗଞ୍ଜ ଭିତରେ କ୍ଷତିଗ୍ରସ୍ତ ତଥା ବିସ୍ଥାପିତ ବ୍ୟବସାୟୀ ରାଜପଥ ପାର୍ଶ୍ୱରେ ଉଠା ଦୋକାନୀ ଭାବେ ଭାଗ୍ୟକୁ ଆଦରି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଦୀର୍ଘ ଦିନ ଧରି ଏନ୍ଏସି ସ୍ଥାପନ ଠାରୁ ଉପରୋକ୍ତ ମାର୍କେଟ୍ କମ୍ପ୍ଲେକ୍ସ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ କୋଠା ନିର୍ମାଣ ସାରିଥିଲେ ମଧ୍ୟ କାର୍ଯ୍ୟକ୍ଷମରେ ବ୍ୟତିକ୍ରମ ଘଟିଥିବା ଅଭିଯୋଗ ହୋଇଛି। ସମସ୍ତଙ୍କୁ ଶୁହାଇଲା ଭଳି ତଥା ପନିପରିବା, ଆମିଷ, ରାଇସିନ କାରବାର ପାଇଁ ପ୍ରତିଷ୍ଠା କରାଯାଇଥିଲା। ତେବେ ବ୍ୟବସାୟୀଙ୍କ ତୁଳନାରେ ଦୋକାନ ଗୃହ ସଂଖ୍ୟା କମ୍ ଥିବାରୁ ବହୁ ବ୍ୟବସାୟୀଙ୍କୁ ଲଟେରୀ ଉଠାଣ ପରିବର୍ତ୍ତେ ବହୁ ବ୍ୟବସାୟୀ ନିରାଶ ହେବାକୁ ପଡୁଥିଲା। ମାର୍କେଟ୍ କମ୍ପ୍ଲେକ୍ସରେ ଆବଶ୍ୟକ ଶୌଚାଳୟ, ଡଷ୍ଟବିନ୍, ଡ୍ରେନ୍ ପଏଣ୍ଟ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ସାଜିଛି। କେବଳ ଏଯାବତ୍ ବାଇକ୍ ଷ୍ଟାଣ୍ଡ ରୂପେ ପରିଲକ୍ଷିତ ହୋଇଛି। ଦୀର୍ଘ ଦିନ ପରେ କିଛି ଉଠା ଦୋକାନୀଙ୍କୁ ଥଇଥାନ କରିବାକୁ ଯାଇ ତାଲା ଝୁଲୁଥିବା କୌଣସି ମିମାଂଶା କିମ୍ବା ଆବଣ୍ଟନରେ ଧିମେଇ ଯାଇଥିବା ଜଣାଯାଇଛି। ରାସ୍ତା କଡ଼ରୁ ଉଠା ଦୋକାନୀକୁ ହଟାଇ ମାର୍କେଟ୍ କମ୍ପ୍ଲେକ୍ସରେ ଥଇଥାନ କରିବା ଲକ୍ଷ୍ୟ ରହିଥିଲେ ହେଁ ସେଥିରେ ବହୁ ବିଳମ୍ବ ଘଟୁଥିବା ଆଶାୟୀ ତଥା ଅପେକ୍ଷାରତ ବ୍ୟବସାୟୀ କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ କର୍ତ୍ତୃପକ୍ଷ କାଳ ବିଳମ୍ବ ନକରି ବ୍ୟବସାୟୀଙ୍କ ସହିତ ବିଚାରବିମର୍ଶ ସହିତ ଆଲୋଚନାରେ ସାମିଲ୍ ହେବାପାଇଁ ଆଗେଇ ଆସିବା ଜରୁରୀ ବୋଲି ବ୍ୟବସାୟୀ ମହଲରେ ଆଶା ସଞ୍ଚାର କରିଛି।




# ମିଳୁନି ଲାଇସେନ୍ସ:ଚୋରାରେ ବାରୁଦ କାରବାର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଆସୁଛି ଦିପାବଳୀ । ଏବେଠୁ ଆତସବାଜି ବିକ୍ରି କରିବାକୁ ଦୋକାନୀମାନେ ସଜବାଜ ହୋଇସାରିଛନ୍ତି । ଚୋରାରେ ବାରୁଦ କାରବାର ବି ଚାଲିଲାଣି । ଲୁଚା ଛପାରେ ବାଣ ପ୍ରସ୍ତୁତି ଓ ବିକ୍ରି ହେଉଥିବା ବେଳେ ପୋଲିସ ଚଢ଼ଉ କରି ସେମାନଙ୍କୁ ଧରୁଛି । ଗଞ୍ଜାମ ଜିଲ୍ଲାରେ ବାଣ ଦୋକାନ ଖୋଲିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶହେ ଜଣ ଆବେଦନ କରିଥିବା ସୂଚନା ମିଳିଛି । ଚଳିତ ବର୍ଷ ବି ବାଣ ପ୍ରସ୍ତୁତି ଓ ବିକ୍ରି ଉପରେ କଟକଣା ଜାରି ରହିଛି । କୌଣସି ନିୟମ ଉଲଂଘନ କଲେ ଦୋକାନୀମାନଙ୍କୁ ଲାଇସେନ୍ସ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି । ଗ୍ରୀନ୍ କ୍ରାକର ଦୋକାନ ଖୋଲିବା ପାଇଁ ସ୍ଥାନୀୟ ପୋଲିସ ଓ ତହସିଲଦାର, ଅଗ୍ନିଶମ ବିଭାଗ ଠାରୁ ଅନୁମତି ଆଣିବେ । ନୋ ଅବ୍‌ଜେକ୍‌ସନ୍ ପ୍ରମାଣପତ୍ର ଆଣିବା ଜରୁରୀ ବୋଲି ସେ କହିଛନ୍ତି । ସହର ଏବଂ ଗାଁ ବାହାରେ ଅର୍ଥାତ୍ ଜନବସତି ଶୂନ୍ୟ ଅଞ୍ଚଳରେ ବାଣ ଦୋକାନ ଖୋଲିପାରିବେ । ଯେଉଁମାନେ ବାଣ ମହଜୁଦ୍ ରଖିବେ ସେହିସ୍ଥାନକୁ ପୋଲିସ ତଦାରଖ କରିବ । କେତେ ପରିମାଣର ବାଣ ମହଜୁଦ୍ ରହିବ ଓ ବିକ୍ରି ହେବ ତାହା ପ୍ରଶାସନ ଅନୁମତି ପ୍ରଦାନ କରିବ । ଆଉ କିଛି ଦିନ ପରେ ଆଲୋକର ପର୍ବ ଦୀପାବଳୀ । ଦିପାବଳୀରେ ବାଣ ଫୁଟାଇବା ପରମ୍ପରା ମଧ୍ୟ ରହିଛି । କିଛି ବର୍ଷ ହେଲା ସହରରେ ବାଣ ବିକ୍ରି ଉପରେ କଟକଣା ଜାରି ହୋଇଛି । ଆମ୍ବ ମାର୍କେଟ୍ ପାଖରେ ଥିବା ବାଲୁଙ୍କେଶ୍ୱର ବାଣ ବଜାର ଦୀର୍ଘ ୫ ବର୍ଷ ହେଲା ବନ୍ଦ ହୋଇଯାଇଛି । ସୁରକ୍ଷା ଦୃଷ୍ଟିରେ ସହରରେ ବାଣ ବଜାର ଖୋଲିବାକୁ ଅନୁମତି ମିଳୁନଥିବା ବେଳେ ସହର ଉପକଣ୍ଠ ଅଞ୍ଚଳରେ ବାଣ ଦୋକାନ ଖୋଲାଯାଉଛି । ତଥାପି ସହରରେ କେତେକ ଜାଗାରେ ଲୁଚାଛପାରେ ଚାଲୁଛି କାରବାର । ବିଶେଷ ଭାବେ ଆସିକା ନିକଟ ନଳବଂଟା ଗ୍ରାମରେ ବାରୁଦ ମହଜୁଦ୍ ରଖି କିଛି ଲୋକେ ବାଣ ପ୍ରସ୍ତୁତ କରୁଥିବା ବେଳେ ପୂର୍ବରୁ ଅଘଟଣ ଘଟୁଥିବା ବି ନଜିର ରହିଛି । ଗତବର୍ଷ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ବାଣ ଜବତ କରିଥିଲା । ଚଳିତ ବର୍ଷ ବେଆଇନ୍ ବାଣ ବିକ୍ରି ବେଳେ ହିଞ୍ଜିଳି ପୋଲିସ ଜବତ କରିବା ସହ ସମ୍ପୃକ୍ତ ମାମଲାରେ ୨ ଜଣଙ୍କୁ ଗିରଫ କରିଛି । ସେହିପରି ଖଲ୍ଲିକୋଟ ଥାନା ପୋଲିସ ମଧ୍ୟ ବେଆଇନ୍ ବାଣ ଜବତ କରିବା ସହ ସମ୍ପୃକ୍ତ ମାମଲାରେ ଦୁଇ ଜଣଙ୍କୁ ଗିରଫ କରିଛି । ତଥାପି କେତେକ ଜାଗାରେ ବେଆଇନ୍ ଭାବେ ବାଣ ପ୍ରସ୍ତୁତି ହେଉଥିବା ବେଳେ ବିକ୍ରି ହେଉଥିବା ସୁରାକ୍ ମିଳିଛି ।

## ଗଜଲକ୍ଷ୍ମୀ ପୂଜା ଶୃଙ୍ଖଳାର ସହ ସମାପନ ପାଇଁ ନିଷ୍ପତ୍ତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୋଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର ସମନ୍ୱୟ ବୈଠକ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଗଜଲକ୍ଷ୍ମୀ ପୂଜା ଶାନ୍ତି ଶୃଙ୍ଖଳାର ସହ ସମାପ୍ତ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ନବକୃଷ୍ଣ ଜେନା, ଉପ ଲ୍ଲାପାଳ ଅରୁଣ କୁମାର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଦର୍ଶନ ସାହୁ ଓ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ପୂଜାକୁ ସରସ ସୁନ୍ଦର କରିବା ସହ ଭସାଣୀରେ ବାଣ ଓ ଡିଜେ ସମ୍ପୂର୍ଣ୍ଣ ବନ୍ଦ କରିବା ଆଲେଚନା କରାଯାଇଛି । ଏଥିସହ ଜିଲ୍ଲାରେ ବିଭିନ୍ନ ଥାନାରେ ପଡିରହିଥିବା ୱାରେଣ୍ଟି ମାନଙ୍କୁ ଧରି ଉପ ଜିଲ୍ଲାପାଳଙ୍କ କୋର୍ଟରେ ହାଜିର କରାଇବା, ଜିଲ୍ଲାର ସମସ୍ତ ତହସିଲଦାର ଓ ଥାନା ଅଧିକାରୀ ନିଜ ନିଜ ଅଞ୍ଚଳରେ ଇଣ୍ଟେଲିଜେନ୍ସିକୁ ସୁଦୃଢ କରିବା ପାଇଁ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାରେ ଆଇନ୍ ଶୃଙ୍ଖଳାକୁ ସୁଦୃଢ କରିବା, ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ଦୁର୍ବୃତ୍ତ, ଅପରାଧୀ ଓ ଖଳ ପ୍ରକୃତିର ଲୋକଙ୍କ ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି ।



## କୋରେଇ ବିଜେପିର ମିଶ୍ରଣ ପର୍ବ:୫୦୦ରୁ ଉର୍ଦ୍ଧ୍ୱ କର୍ମୀ ଦଳରେ ମିଶିଲେ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପରେ ଶାସକ ବିଜେପିର ଏକ ବର୍ଷର ସୁଶାସନରେ ଅନୁପ୍ରାଣିତ ହୋଇ ବିଜେପି ଆଡକୁ ଢଳୁଛନ୍ତି ଅନ୍ୟଦଳର ପଞ୍ଚାୟତ ପ୍ରତିନିଧି ଏବଂ କର୍ମୀ । ଗତ କିଛିଦିନ ହେବ ଅନେକ କର୍ମୀ ଏବଂ ପ୍ରତିନିଧି କୋରେଇ ବିଜେପିରେ ସାମିଲ୍ ହୋଇଥିବାବେଳେ କୋରେଇ ବିଜେପି ପକ୍ଷରୁ ବ୍ୟାସନଗର ସ୍ଥିତ ଟାଉନ୍ ହଲ୍ ଠାରେ ଏକ ମିଶ୍ରଣ ପର୍ବ କୋରୋଇ ବିଧାୟକ ଆକାଶ ଦାସନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ୫୦୦ ଶହରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ବିଜେଡ଼ି ଛାଡି ମିଶିଲେ ବିଜେପିରେ। କୋରେଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋରେଇ ବ୍ଲକ୍ ମୁଳାପାଳ, ଗୌରପୁର, ପାଟରଙ୍ଗା ଗ୍ରାମପଞ୍ଚାୟତର ଶତାଧିକ ବିଜୁ ଜନତା ଦଳର ଆଗଧାଡିର କର୍ମୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସ୍ୱପ୍ନ ତଥା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁଶାସନ, ସ୍ୱଚ୍ଛ କାର୍ଯ୍ୟଶୈଳୀ ସର୍ବୋପରି କୋରେଇର ବିଧାୟକ ଆକାଶ ଦାସନାୟକଙ୍କ ସ୍ୱଚ୍ଛ ନୀତି, ଆଦର୍ଶ ତଥା ବିକଶିତ କୋରେଇ ଗଠନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି । ସମସ୍ତ ଆଗନ୍ତୁକ ମୁଳାପାଳ ପଞ୍ଚାୟତ ପ୍ରତିନିଧି ଓ କର୍ମୀଙ୍କୁ ବିଧାୟକ ବିଜେପି ଦଳକୁ ସ୍ୱାଗତ କରିବା ସହ ଦଳୀୟ ଟୋପି ଓ ଉତ୍ତରୀୟ ପକାଇ ଭାରତୀୟ ଜନତା ପାର୍ଟିରେ ସାମିଲ୍ କରାଇଥିଲେ । ବିଧାୟକ ଆକାଶ ଦାସନାୟକ ମିଶ୍ରଣ ପର୍ବ ପରେ କୋରେଇ ବିଜେପି ଆହୁରି ଅଧିକ ଶକ୍ତିଶାଳୀ ହେଲା ଏବଂ ମୁଳାପାଳ, ଗୌରପୁର, ପାଟରଙ୍ଗା ପଞ୍ଚାୟତରେ ବିଜେପି ସ୍ଥିତି ସୁଦୃଢ ହେଲା କହିବା ସହ କୋରେଇ ବିକାଶ ପାଇଁ କରିଥିବା ସଂକଳ୍ପ ନିଶ୍ଚିତ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

## ଶୃଙ୍ଖଳାର ସହ ଦୁର୍ଗାପୂଜା ପାଳନ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଉପଜିଲ୍ଲାପାଳ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ପୌର ପରିଷଦର ସମ୍ମିଳନୀ ପ୍ରକୋଷ୍ଠରେ ଦୁର୍ଗାପୂଜା ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅଧକ୍ଷତା କରି ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଜଗତସିଂହପୁର ସହରରେ ଚଳିତ ଦୁର୍ଗା ପୂଜା, ରାବଣ ପୋଡ଼ି ଓ ଭସାଣି ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଗାଲୁପଡ଼ା ଠାରୁ ପୋଷ୍ଟ ଅଫିସ୍ ଛକ, କଲେଜ୍ ଛକ ଠାରୁ ଚାଟରା ବ୍ରିଜ୍, ଜୀରା ଠାରୁ ଚର୍ଚ୍ଚିକା ବଜାର, କୋର୍ଟ ଛକ ଠାରୁ ଓହଳ, ସାଥୀ ଭଉଣୀ ମେଢ଼ ଠାରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଜୟବଡ), ବଙ୍ଗଳା ଛକ ଠାରୁ ପୁରୋହିତପୁର, ଗାନ୍ଧି ଛକ ଠାରୁ ସର୍କିଟ୍ ହାଉସ୍ ପର୍ଯ୍ୟନ୍ତ ରାସ୍ତା ମରାମତି ଶୀଘ୍ର ଶେଷ କରିବାକୁ ଓ ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛର ଡାଳ ଗୁଡ଼ିକୁ କାଟିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପୂଜା ଆଉ ମାତ୍ର ଅଳ୍ପ ଦିନ ଥିବାରୁ ତ୍ୱରିତ ବେଗରେ ସମସ୍ତ କାର୍ଯ୍ୟ ସମାପନ ସହ ଏହାର ସାର୍ଟିଫିକେଟ୍ ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓହଳି ରହିଥିବା ବିଦ୍ୟୁତ୍ ତାରକୁ ଉପରକୁ ଉଠାଇବା, ପୂଜା ବା ଭସାଣୀରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଷ୍ଟ୍ରିଟ୍ ଲାଇଟ୍ ମରାମତି, ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ମେଢ଼ ନିକଟରେ ପୋଲିସ ମୁତୟନ କରିବା, ଦୁର୍ଗା ପୂଜା ସମୟରେ ଡିଜେ ନ ବଜାଇବା, ଅସ୍ଥାୟୀ ପୋଖରୀ ଖନନ କରିବା, ଦୁର୍ଗା ପୂଜା ସମୟରେ ଭାରୀ ଯାନ ଚଳାଚଳ ଉପରେ କଟକଣା ଲାଗୁ କରିବା, ପ୍ରତି ମେଢ଼ ନିକଟରେ ସଂପୃକ୍ତ କମିଟି ତରଫରୁ ସ୍ୱେଚ୍ଛାସେବୀ ନିୟୋଜିତ କରିବା ଓ ଆବଶ୍ୟକ ସ୍ଥଳେ ସିସି ଟିଭି ଲଗାଇବା, ଭସାଣୀ ଯାତ୍ରାକୁ ଶାନ୍ତି ଶୃଙ୍ଖଳା ସହିତ ସମାପନ କରିବା, ଭସାଣୀ ଦିନ ମେଢ଼ ଗୁଡ଼ିକ କ୍ରମାନ୍ୱୟରେ ବସିବା ଏବଂ ରାତ୍ର ୧୦ ଘଟିକା ସୁଦ୍ଧା ମୂର୍ତ୍ତି ବିସର୍ଜନ କରିବା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଅଜୀଙ୍କ୍ୟ ମାଣେ ଟ୍ରାଫିକ୍ ବ୍ୟବସ୍ଥା, ଡିଜେ ବ୍ୟବହାର ଉପରେ କଟକଣା ସହ ଅସାମାଜିକ କାର୍ଯ୍ୟକଳାପ ପ୍ରତି ସତର୍କ ରହିବାକୁ ଉପଦେଶ ଦେଇଥିଲେ। ଏହି ବୈଠକରେ ଶାନ୍ତି କମିଟିର ସଦସ୍ୟ ସତ୍ୟବ୍ରତ ମହାପାତ୍ର, ବିନାୟକ ପଟ୍ଟନାୟକ, ହେମନ୍ତ କୁମାର ରଥ, ଶ୍ରୀକାନ୍ତ ଚୌଧୁରୀ, ରତ୍ନାକର ବିଶ୍ୱାଳ, ଲାଲା ବିକ୍ରମ କେଶରୀ ରାୟ, ରଶ୍ମିକାନ୍ତ ସାହୁ, ତହସିଲଦାର, ପୌର ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ।



## ଯୌନ ଉତ୍ପୀଡନ ରୋକିବା ପାଇଁ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ଗୃହରେ କାର୍ଯ୍ୟସ୍ଥଳୀରେ ମହିଳାଙ୍କୁ ଯୌନ ଉତ୍ପୀଡନ (ରୋକଥାମ୍, ପ୍ରତିଷେଧ ଓ ନିରାକରଣ ଆଇନ୍, ୨୦୧୩) କୁ ନେଇ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଯୋଗଦେଇ ପୋଷ ଆକ୍ଟର ଅନୁପାଳନ ସହ ରେଗୁଲାର ମିଟିଙ୍ଗ କରି ସମସ୍ୟା ଗୁଡିକର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବା ସହିତ ଆମ ବୌଦ୍ଧ ଜିଲ୍ଲାରେ ଯେମିତି ଗୋଟିଏ ବି କେଶ ନ ଆସେ ସେଥିପାଇଁ ଆହ୍ୱାନ୍ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଜିଲ୍ଲାମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଅବକାରୀ ଅଧିକ୍ଷିକା ଶାନ୍ତି ମାରାଣ୍ଡି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ ଯୋଗଦେଇଥିଲେ । ବିଶେଷଜ୍ଞ ଭାବେ ବରିଷ୍ଠ ଆଇନଜ୍ଞ ନବକୁମାର ମିଶ୍ର, କାର୍ଯ୍ୟ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନର ନିରାକରଣ, ପ୍ରତିଷେଧ ଓ ନିବାରଣ ଆଇନ୍ ୨୦୧୩ର ସାରଗର୍ଭକ ସବିଶେଷ ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡନ ମାମଲାରେ ମହିଳା ମାନଙ୍କର ଅଧିକାରର ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସି ବକ୍ସ ପୋର୍ଟାଲରେ କିଭଳି ଭାବେ ଅଭିଯୋଗ ଦାଖଲ କରାଯିବ, ଅଭିଯୋଗ ମିଳିଲା ପରେ ନୋଡାଲ ଅଫିସରର ଭୂମିକା କଣ ରହିବ ସେ ଉପରେ ସାରଦା ପ୍ରସନ୍ନ ସାହୁ ଡିସ୍‌ପ୍ଲେ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ସମନ୍ୱିତ ଶିଶୁ ବିକାଶ ଅଧିକାରୀ, ବୌଦ୍ଧ, ହରଭଙ୍ଗା ସମସ୍ତ ପ୍ରୋଗ୍ରାମ ଅଫିସର, ସମସ୍ତ ନୋଡାଲ ଅଫିସର, ଇଣ୍ଟରନାଲ୍ କମିଟି ଏବଂ ଲୋକାଲ କମିଟିର ସଦସ୍ୟା, ଏଲ୍‌କେବିକେ ପୁଷ୍ପିତା ପ୍ରଧାନଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । କର୍ମଶାଳା ଆରମ୍ଭରେ ଆୟୋଜକ ଜିଲ୍ଲା ମଙ୍ଗଳ ଅଧିକାରିଣୀ ସାଗରିକା ଦତ୍ତ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଜିଲ୍ଲା ହବ୍ ସଂଯୋଜିକା ସୁଜାତା ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିବୃନ୍ଦ ଏବଂ ରିରୋର୍ସ ପର୍ସନଙ୍କୁ ଏକ୍ ପେଡ୍ ମାଆ କି ନାମ, (ମାଆ ପାଇଁ ଗଛଟିଏ) ପରିପ୍ରେକ୍ଷୀରେ ମୁଖ୍ୟଅତିଥି ଶ୍ରୀ ପ୍ରଧାନ ଗଛଟିଏ ଲେଖାଏଁ ପ୍ରଦାନ କରିଥିଲେ ।





## ଅତ୍ୟାଧୁନିକ ଝୋଟ ଉତ୍ପାଦ ନିର୍ମାଣ ୟୁନିଟ୍ ଉଦ୍‌ଘାଟିତ

**ବାଲେଶ୍ୱର, ନ୍ୟୁଜ୍**

ବାଲିଆପାଳ ଝୋଟ ଫାର୍ମର ପ୍ରୋଡ୍ୟୁସର୍ସ ଅର୍ଗାନାଇଜେସନ୍ ଦ୍ୱାରା ପରିଚାଳିତ ଆଧୁନିକ ଝୋଟ ଡାଇଭର୍ସିଫାଇଡ୍ ପ୍ରୋଡକ୍ଟ ନିର୍ମାଣ ୟୁନିଟ୍‌ର ଉଦ୍ଘାଟନ କରିଛନ୍ତି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ଓର୍ମାସ ବାଲେଶ୍ୱର ଓ ଜିଲ୍ଲା ପ୍ରଶାସନର ସହଯୋଗରେ ଏହି ପ୍ରୟାସ ଗ୍ରାମୀଣ ଜୀବିକା ସୁଦୃଢ କରିବା ସହିତ ଝୋଟ ଭିତ୍ତିକ ବିବିଧ ଉତ୍ପାଦ ପ୍ରସ୍ତୁତିକୁ ପ୍ରୋତ୍ସାହନ ଦେବ । ଏହି ୟୁନିଟ୍ ମାଧ୍ୟମରେ ସ୍ଥାନୀୟ ଗୋଷ୍ଠୀ ଓ ଶିଳ୍ପୀମାନେ କୌଶଳ ଉନ୍ନୟନ, ଆୟ ସୃଷ୍ଟି ଓ ବଜାର ସୁବିଧା ପାଇପାରିବେ । ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଅଧୀନରେ ଓର୍ମାସ ଦ୍ୱାରା ଗଠିତ ଏହି ଏଫ୍‌ପିଓ ସାମୁହିକ କୃଷିକୁ ମଜବୁତ୍ କରିବା, ଭଲ ବଜାର ପ୍ରବେଶ ସୁନିଶ୍ଚିତ କରିବା ଏବଂ ଚାଷୀମାନଙ୍କ ଆୟ ବୃଦ୍ଧି କରିବାକୁ ଦୃଢ ଲକ୍ଷ୍ୟ ରଖିଛି । ଜିଲ୍ଲାପାଳ ଶ୍ରୀ ବିକାଶ ଉଦ୍‌ଘାଟନ ସମାରୋହରେ, କର୍ଯ୍ୟକାରୀ ସଂସ୍ଥାମାନଙ୍କ ପ୍ରୟାସକୁ ସ୍ୱାଗତ କରିଥିଲେ। ଝୋଟ ପ୍ଲାଷ୍ଟିକ୍‌ର ବିକଳ୍ପ ହୋଇପାରିବ ବୋଲି ମଧ୍ୟ ସେ ତାଙ୍କ ବକ୍ତବ୍ୟରେ ପ୍ରେରଣା ଦେଇଥିଲେ। ଉପସ୍ଥିତ ଅଧିକାରୀ ଓ ପଞ୍ଚାୟତିରାଜ ସଦସ୍ୟଙ୍କ ଦ୍ୱାରା କ୍ଷମତାବର୍ଦ୍ଧନ ଓ ବଜାର ସୁବିଧା ପାଇଁ ଲଗାତାର ସଂସ୍ଥାଗତ ସହଯୋଗ ଦେବାକୁ ଆଶ୍ୱାସନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଉପ-ଜିଲ୍ଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଲିଆପାଳ, ଆର୍‌ଏମ୍‌ସି ସଚିବ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଓର୍ମାସ ଓ ମିଶନ୍ ଶକ୍ତିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପ୍ରୟାସ ସ୍ଥାନୀୟ ଶିଳ୍ପୀମାନେ ଓ ମହିଳା ଏଫ୍‌ପି ଓ ସଦସ୍ୟାମାନଙ୍କ ପାଇଁ ଜୀବିକା ସୁଯୋଗ ସୃଷ୍ଟି ସହିତ ପରିବେଶ ସୁରକ୍ଷାକୁ ସୁଦୃଢ କରିବାରେ ସାହାଯ୍ୟ କରିବ ।

## ଲୋୟର ସୁକ୍‌ତେଲ ଓ ମେଡିକାଲ୍ କଲେଜ ନିର୍ମାଣ ଲକ୍ଷ୍ୟ ପୂରଣ ହୋଇନି କାହିଁକି:ନରସିଂହ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**



ବିଗତ ବର୍ଷ ମାନଙ୍କରେ ବଲାଙ୍ଗିରର ବିକାଶ ପାଇଁ ଅନେକ ପ୍ରକଳ୍ପର ଅନୁଦାନ ଅଣାଯାଇଥିଲା । ଅନେକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଲୋକାର୍ପିତ ହେଲା । କିଛି ପ୍ରକଳ୍ପ ସରକାରୀ ଷଡଯନ୍ତ, ପ୍ରଶାସନିକ ଅବହେଳା ଯୋଗୁ ମୂଳ ଲକ୍ଷ୍ୟରୁ ଦୂରେଇଗଲା । ଯେପରିକି ମହାରାଣୀ ସାଗର ପାଇଁ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁଦାନ ବହୁ ବର୍ଷ ପୂର୍ବରୁ ଆସିଥିଲେ ହେଁ ଆଜି ପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ । ପ୍ରଥମେ ନିର୍ମାଣକାରୀ ସଂସ୍ଥା ଏନ୍‌ବିସିସି ସହ ଚୁକ୍ତିରେ ମହାରାଣୀ ସାଗରର ପରିକଳ୍ପନା ଏକ ଉଚ୍ଚ କୋଟିର ପର୍ଯ୍ୟଟନ ଭଳି ପ୍ରତିୟମାନ ହେଉଥିଲା କିନ୍ତୁ କାହିଁକି କେଜାଣି ପରବର୍ତ୍ତି ସମୟରେ ଏହି ବହୁ କୋଟି ଟଙ୍କାର ପ୍ରକଳ୍ପକୁ ୧୦୦ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟ ପ୍ରଦାନ କରିବା ନାଁରେ ଜଣେ ମାତ୍ର ଠିକାଦାରକୁ ନିୟୋଜିତ କରି କୋଟି କୋଟି ଟଙ୍କାର ଦୁର୍ନିତି କରାଗଲା । ଏଠାରେ ଦୁଃଖ ଲାଗେ ଯେ ଐତିହ୍ୟ ସମ୍ପନ୍ନ ଏହି ଜଳାଶୟ ବଲାଙ୍ଗିରର ଏକ ପରିଚୟ ଅଟେ । ତଥାପି ମଧ୍ୟ ପ୍ରକଳ୍ପ ପ୍ରତି ହୋଇଥିବା ଅନ୍ୟାୟ ଓ ଦୁର୍ନିତି ବିରୁଦ୍ଧରେ କେହିବି ସ୍ୱର ଉତ୍ତୋଳନ କଲେନାହିଁ । ଆମେ ଜାଣିରଖିବା ଦରକାର ଯେତେବେଳେ ସାଧାରଣ ଜନତା କୌଣସି ଘଟଣା ଦୁର୍ଘଟଣାକୁ ନେଇ ପ୍ରତିକ୍ରିୟାଶୀଳ ହୁଅନ୍ତି ନାହିଁ ସେତେବେଳେ ଅଞ୍ଚଳର ବିକାଶରେ ସ୍ଥାଣୁତା ଆସିଯାଇଥାଏ ବୋଲି ଏକ ଘରୋଇ ହୋଟେଲରେ ଆୟୋଜିତ ହୋଇଥିବା ଏକ ମତବିନିମୟ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗିରବାସୀଙ୍କୁ ଚେତେଇ ଦେଇଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ଲୋୟର ସୁକତେଲ ଓ ଭୀମଭୋଇ ମେଡିକାଲ୍ କଲେଜ୍‌କୁ ରାଜନୈତିକ ଉଦ୍ଦେଶ୍ୟ ନରଖି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆଗରୁ ଉଦ୍‌ଘାଟନ କରାଗଲା । ଦୁଃଖ ଲାଗେ ଦୁଇ ବର୍ଷ ପରେ ମଧ୍ୟ ଏହି ଉଭୟ ପ୍ରକଳ୍ପର ସ୍ଥିତି ଦୁଇ ବର୍ଷ ପୂର୍ବର ସ୍ଥିତି ସହ ସମାନ ଅଛି । ଏଥିପାଇଁ ଦାୟି କିଏ ? ସରକାର, ନେତା ନା ଜନତା । ଠିକ୍ ସେହିପରି ବଲାଙ୍ଗିରବାସୀଙ୍କ ବହୁ ଦିନର ଦାବି କୃଷି ବିଶ୍ୱ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଅଣଦେଖା କରାଗଲା । ନୂଆ ସରକାର ଆସିଲା ପରେ ଏହାକୁ ନେଇ ଲୋକଙ୍କର ଆଶା ବଢିଯାଇଥିଲା କାରଣ ଗତ ସରକାରରେ ଏହି ଦାବିକୁ ନେଇ ତତ୍‌କାଳିନ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ବେଳେ ବର୍ତ୍ତମାନର କୃଷିମନ୍ତ୍ରୀ ସେ ପ୍ରତିନିଧି ମଣ୍ଡଳିରେ ସାମିଲ୍ ଥିଲେ କିନ୍ତୁ ଦୁଃଖର କଥା ବଲାଙ୍ଗିରକୁ କୃଷି ବିଶ୍ୱ ବିଦ୍ୟାଳୟ ନାଁରେ ଏକ କୃଷି ବିଦ୍ୟାଳୟ ଘୋଷଣା କରି ତୁଷ୍ଟିକରଣ କରାଗଲା । ସବୁଠୁ ବେଶି ଦୁଃଖ ଲାଗେ ବଲାଙ୍ଗିରର ବୁଦ୍ଧିଜୀବୀ ଏହି ପ୍ରସଙ୍ଗକୁ ନେଇ ସମ୍ପୂର୍ଣ୍ଣ ଚୁପ୍ । ତେବେ ଏପରି ପରିସ୍ଥିତିରେ ବଲାଙ୍ଗିରର ବିକାଶ ଆଗକୁ ଯିବ ନା ପଛମୁହାଁ ହେବ ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ । ଆଲୋଚନା ବେଳେ ଶ୍ରୀ ମିଶ୍ର ବଲାଙ୍ଗିର ପାଇଁ ଚିନିକଳ, ବେରୋଜଗାର ପାଇଁ ନୂତନ ଶିଳ୍ପ, ଆଇନ୍ ଶୃଙ୍ଖଳା ପରିସ୍ଥିତିରେ ସୁଧାର, ଆୟୁର୍ବେଦ ମହାବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ସହ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନ ମାନଙ୍କରେ ଶିକ୍ଷକ କର୍ମଚାରୀ ଅଭାବ, ଡାକ୍ତରଖାନା ମାନଙ୍କରେ ଡାକ୍ତର ଅଭାବ ଏ ସବୁକୁ ନେଇ ଲୋକଙ୍କ ସହ ଆଲୋଚନା ହୋଇଥିଲା । ଏହାର ପ୍ରତିକାର ପାଇଁ ଏକ ସାମୁହିକ ଲଢେଇ ଆବଶ୍ୟକତା ଏବଂ ଦାବି ସମୁହକୁ ନେଇ ଉପଯୁକ୍ତ ଫୋରମ୍‌ରେ ଆଲୋଚନା ହେଉ ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଥିଲେ । ସଂଗଠକ ଧର୍ମେନ୍ଦ୍ର ନନ୍ଦଙ୍କ ସଂଯୋଜନାରେ ଏହି ଆଲୋଚନାରେ ନାଗରିକ ସମାଜ ତରଫରୁ ସମାଜସେବୀ ଶ୍ରୀକର ମିଶ୍ର, ଐତିହାସିକ ଶିବ ନନ୍ଦ, ପ୍ରେମଚନ୍ଦ ମହାନ୍ତି, ମଧୁସୂଦନ ନାୟକ, ରାମ ଶଙ୍କର ଶତପଥୀ, ଶିକ୍ଷାବିତ୍ ମନୋରଞ୍ଜନ ସାହୁ, ଦିଲୀପ ଦାଶ, ଆୟୁର୍ବେଦିକ କଲେଜ ଛାତ୍ର ସମୁହ, ରତନ ମହାରଣା, ତରୁଣ ମିଶ୍ର, ସତ୍ୟନାରାୟଣ ଥାଟି, ଛେଲାରାମ ଜେଏସ୍‌ୱାଲ୍, ଅଙ୍କୁଶ ପାଣ୍ଡିଆ, ଜ୍ୟୋତି ନାଗ, ଡ. ପ୍ରମୋଦ ମିଶ୍ର, ସାମାଜିକ କର୍ମୀ ବିରେନ୍ଦ୍ର ବନଛୋର ପ୍ରମୁଖ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଦେବା ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଏସିଡ୍ ପୀଡ଼ିତାଙ୍କୁ କ୍ଷତି ପୂରଣ ପ୍ରଦାନ ଓ ସାଇବର ଆଇନ୍ ଉପରେ ଆଲୋଚନା

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ତୁଳସୀ ମହିଳା ମହା ବିଦ୍ୟାଳୟରେ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏସିଡ ପୀଡିତାଙ୍କୁ କ୍ଷତି ପୂରଣ ସହାୟତା ପ୍ରଦାନ ଓ ସାଇବର ଆଇନ୍ ଉପରେ ଅନୁଷ୍ଠିତ ଏହି ଆଲୋଚନା ଶିବିରରେ ପ୍ରାଧିକରଣର ସଚିବ ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ଉପସ୍ଥିତ ଛାତ୍ରୀମାନଙ୍କୁ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ଏପରି ଅପରାଧରୁ କିଭଳି ନିବୃତ ହୋଇପାରିବେ ଓ ସାଇବର କ୍ରାଇମ୍‌କୁ ଆଜିର ଯୁବ ସମାଜ ଆପଣାଇଥିବାରୁ ଏହାର ଭୟାବହତା ଉପରେ ଆଲୋଚନା କରିଥିଲେ । ଏ ପ୍ରକାର ଅପରାଧ ଠାରୁ ଦୂରେଇ ରହି ନିଜ ନିଜର ପାଠପଢା ଉପରେ ମନୋନିବେଶ କରି ଭବିଷ୍ୟତରେ ଜଣେ ଜଣେ ଭଲ ମଣିଷ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡିଏସ୍‌ପି ସସ୍ମିତା ସାହୁ, ଅନନ୍ତ ବଲ୍ଲଭ ଶତପଥୀ, ମହା ବିଦ୍ୟାଳୟର ଅଧକ୍ଷ ଡ଼ଃ ମଥୁରୀ ଚରଣ ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

# ପାକିସ୍ତାନ ବିପକ୍ଷରେ ଇତିହାସ ରଚିବେ ହାର୍ଦ୍ଦିକ ପାଣ୍ଡ୍ୟା




**ନୂଆଦିଲ୍ଲୀ**

୨୦୨୫ ଏସିଆ କପର ଫାଇନାଲ ମ୍ୟାଚ ରବିବାର, ସେପ୍ଟେମ୍ବର ୨୮ ତାରିଖରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଖେଳାଯିବ। ଏହି ମ୍ୟାଚରେ ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପାଖରେ ଏକ ଜବରଦସ୍ତ ଶତକ ପୂରଣ କରିବାର ସୁଯୋଗ ଅଛି। ଯଦି ହାର୍ଦ୍ଦିକ ପାକିସ୍ତାନ ବିପକ୍ଷରେ ଦୁଇଟି ୱିକେଟ ନିଅନ୍ତି, ତେବେ ସେ ଟି୨୦ ଆନ୍ତର୍ଜାତୀୟ କ୍ରିକେଟରେ ୧୦୦ ୱିକେଟ ପୂରଣ କରିବେ। ବର୍ତ୍ତମାନ ହାର୍ଦ୍ଦିକଙ୍କ ପାଖରେ ଟି୨୦ରେ ୯୮ ୱିକେଟ ଅଛି।

ଯଦି ହାର୍ଦ୍ଦିକ ପାଣ୍ଡ୍ୟା ପାକିସ୍ତାନ ବିପକ୍ଷରେ ଫାଇନାଲରେ ଦୁଇଟି ୱିକେଟ ନିଅନ୍ତି, ତେବେ ସେ ଟି୨୦ ଆନ୍ତର୍ଜାତୀୟ କ୍ରିକେଟରେ ୧୦୦ ୱିକେଟ ନେବାରେ ଦ୍ୱିତୀୟ ଭାରତୀୟ ବୋଲର ହେବେ। ବର୍ତ୍ତମାନ କେବଳ ଜଣେ ଭାରତୀୟ ବୋଲରଙ୍କ ପାଖରେ ଟି୨୦ କ୍ରିକେଟରେ ଶତକ ୱିକେଟର ରେକର୍ଡ ଅଛି। ଅର୍ଶଦୀପ ସିଂହ ୨୦୨୨ ପରଠାରୁ ୬୫ ମ୍ୟାଚରେ ୧୮.୭୬ ହାରାହାରିରେ ୧୦୧ ୱିକେଟ ନେଇଛନ୍ତି।

ରସିଦ ଖାନ ବିଶ୍ୱ ସ୍ତରରେ ସର୍ବାଧିକ ଟି୨୦ ୱିକେଟ ସହିତ ବୋଲରଙ୍କ ତାଲିକାରେ ଶୀର୍ଷରେ ଅଛନ୍ତି, ସେ ୧୦୩ ମ୍ୟାଚରେ ୧୩.୯୩ ହାରାହାରିରେ ୧୭୩ ୱିକେଟ ନେଇଛନ୍ତି।

ହାର୍ଦ୍ଦିକ ପାଣ୍ଡ୍ୟା ଏସିଆ କପର ଏହି ସଂସ୍କରଣରେ ଚାରିଟି ୱିକେଟ ନେଇଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୨୦୧୬ ପରଠାରୁ ଭାରତ ପାଇଁ ୧୨୦ ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ଏହି ସମୟ ମଧ୍ୟରେ, ସେ ୨୬.୫୮ ହାରରେ ୯୮ ଟି ୱିକେଟ ନେଇଛନ୍ତି। ଏହି ସମୟ ମଧ୍ୟରେ, ପାଣ୍ଡ୍ୟା ତିନି ଥର ଏକ ଇନିଂସରେ ଚାରି କିମ୍ବା ତା'ଠାରୁ ଅଧିକ ୱିକେଟ ନେଇଛନ୍ତି।

ଭାରତୀୟ ଦଳ ଲଗାତାର ଛଅଟି ମ୍ୟାଚ ଜିତିବା ପରେ ଏସିଆ କପ ୨୦୨୫ ର ଫାଇନାଲରେ ପ୍ରବେଶ କରିବ। ଏହି ସମୟରେ, ପାକିସ୍ତାନୀ ଦଳ ଏପର୍ଯ୍ୟନ୍ତ ଯେଉଁ ଦୁଇଟି ମ୍ୟାଚ ହାରିଛି ତାହା ଉଭୟ ଭାରତ ବିପକ୍ଷରେ ଥିଲା। ସେପ୍ଟେମ୍ବର ୧୪ରେ, ଟିମ ଇଣ୍ଡିଆ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଗ୍ରାଉଣ୍ଡରେ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରିଥିଲା, ତା'ପରେ ସେପ୍ଟେମ୍ବର ୨୧ରେ ପାକିସ୍ତାନ ବିପକ୍ଷରେ ୬ ୱିକେଟରେ ବିଜୟୀ ହୋଇଥିଲା।

ଏବେ ସେପ୍ଟେମ୍ବର ୨୮ରେ ସମାନ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚରେ ଉଭୟ ଦେଶ ପରସ୍ପରର ସାମ୍ନା କରିବେ। ପ୍ରଶଂସକମାନେ ବିଶ୍ୱାସ କରନ୍ତି ଯେ ଫାଇନାଲରେ ଟିମ ଇଣ୍ଡିଆର ହାତ ରହିବ। ଏହା ଭାରତ ଏବଂ ପାକିସ୍ତାନ ମଧ୍ୟରେ ପ୍ରଥମ ଟି-୨୦ ଏସିଆ କପ୍ ଫାଇନାଲ।

# ଏସିଆ କପ୍ ଫାଇନାଲ ପୂର୍ବରୁ ନୂଆ ଡ୍ରାମା ଆରମ୍ଭ କଲାଣି ପାକିସ୍ତାନ

**ଇସଲାମାବାଦ**

ଏସିଆ କପ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ବିବାଦରେ ଫସି ରହିଛି। ସମସ୍ତଙ୍କ ନଜର ଏବେ ଭାରତ ବନାମ ପାକିସ୍ତାନ ଫାଇନାଲ ଉପରେ, ଯାହା ୨୮ ସେପ୍ଟେମ୍ବରରେ ଖେଳାଯିବ। ଏହି ଟାଇଟଲ ମୁକାବିଲା ପୂର୍ବରୁ, ପାକିସ୍ତାନ ଏକ ନୂଆ ନାଟକ ସୃଷ୍ଟି କରିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନକଭି ଏକ ନୂଆ ବିବାଦ ସୃଷ୍ଟି କରିପାରନ୍ତି।

ସେପ୍ଟେମ୍ବର ୨୧ ତାରିଖରେ, ଭାରତ ସୁପର ଫୋର୍ ରାଉଣ୍ଡ ମ୍ୟାଚରେ ପାକିସ୍ତାନକୁ ୬ ୱିକେଟରେ ପରାସ୍ତ କରିଥିଲା। ସେହି ମ୍ୟାଚ ସମୟରେ, ହାରିସ ରଉଫ ୬-୦ ବିଜୟ ଏବଂ ଏକ ଯୁଦ୍ଧ ବିମାନ ଖସାଇ ଦେବା ପାଇଁ ଇଙ୍ଗିତ କରିଥିଲେ। ସାହିବଜାଦା ଫରହାନ ତାଙ୍କ ଗନ୍ ସେଲିବ୍ରେସନ ସହିତ ବିବାଦ ମଧ୍ୟ ସୃଷ୍ଟି କରିଥିଲେ। ଏହି ଇଙ୍ଗିତ ପାଇଁ ବିସିସିଆଇ ରଉଫ ଏବଂ ଫରହାନଙ୍କୁ ନେଇ ଆଇସିସିକୁ ଅଭିଯୋଗ କରିଥିଲା।

ଆଇସିସି ହାରିସ ରଉଫଙ୍କୁ ତାଙ୍କ ମ୍ୟାଚ ଫିର ୩୦ ପ୍ରତିଶତ ଜରିମାନା କରିଥିବା ବେଳେ, ସାହିବଜାଦା ଫରହାନଙ୍କୁ ଚେତାବନୀ ଦେଇ ଛାଡ଼ି ଦିଆଯାଇଥିଲା। ପାକିସ୍ତାନୀ ଗଣମାଧ୍ୟମ ଅନୁଯାୟୀ, ପିସିବି ଅଧ୍ୟକ୍ଷ ହାରିସ ରଉଫଙ୍କ ଉପରେ ଲାଗୁ ହୋଇଥିବା ସମ୍ପୂର୍ଣ୍ଣ ଜରିମାନା ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟ ସହିତ, ସେ ସ୍ପଷ୍ଟ କରିଛନ୍ତି ଯେ ସେ ରଉଫଙ୍କ ଏକ ଯୁଦ୍ଧ ବିମାନ ଖସାଇ ଦେବାର ଇଙ୍ଗିତକୁ ପୂର୍ଣ୍ଣ ସମର୍ଥନ କରନ୍ତି।

ପୂର୍ବରୁ, ମୋହସିନ ନକଭି ମଧ୍ୟ କିମ୍ବଦନ୍ତୀ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଏକ ସ୍ଲୋ-ମୋ ଭିଡିଓ ଶେୟାର କରିଥିଲେ ଯାହାର ଏକ କ୍ରାସ ଇଙ୍ଗିତ ଥିଲା। ଏହା ମଧ୍ୟରେ, ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପକ୍ଷରୁ ପହଲଗାମ ଆତଙ୍କବାଦୀ ଆକ୍ରମଣର ଶହୀଦ ଏବଂ ଭାରତୀୟ ସୈନିକଙ୍କ ଉଦ୍ଦେଶ୍ୟରେ ପାକିସ୍ତାନ ବିପକ୍ଷ ବିଜୟକୁ ଉତ୍ସର୍ଗ କରିଥିବା ତାଙ୍କ ବୟାନ ବିଷୟରେ ପାକିସ୍ତାନ ଆଇସିସିରେ ଅଭିଯୋଗ କରିବା ପରେ ତାଙ୍କୁ ତାଙ୍କ ମ୍ୟାଚ ଫିର ୩୦ ପ୍ରତିଶତ ଜରିମାନା ମଧ୍ୟ ଦିଆଯାଇଥିଲା।

ପିସିବି ଅଧ୍ୟକ୍ଷ ଭାରତ-ପାକିସ୍ତାନ ଫାଇନାଲର ଠିକ ଗୋଟିଏ ଦିନ ପୂର୍ବରୁ ଏକ ଗୁପ୍ତ ପୋଷ୍ଟ ମଧ୍ୟ କରିଥିଲେ, ଯେଉଁଥିରେ ସେ ଲେଖିଛନ୍ତି, 'ତୁମର ସନ୍ତୁଳନ ପଛରେ କାରଣ ବୁଝାଇବା ପାଇଁ ଆଉ କେତେ ସମୟ ଆବଶ୍ୟକ?' ନକଭି କାହିଁକି ଏହି ପୋଷ୍ଟ କରିଥିଲେ ତାହା ବୁଝିବା କଷ୍ଟକର, କିନ୍ତୁ ଭାରତ-ପାକିସ୍ତାନ ଫାଇନାଲର ଠିକ ଗୋଟିଏ ଦିନ ପୂର୍ବରୁ ତାଙ୍କର କାର୍ଯ୍ୟ ହଇଚଇ ସୃଷ୍ଟି କରିଛି।





# ଫାଇନାଲ୍ ପୂର୍ବରୁ ପାକିସ୍ତାନକୁ ସିଧା ମେସେଜ୍ ଦେଲେ ସୂର୍ଯ୍ୟକୁମାର

**ଦୁବାଇ**

ଏସିଆ କପ ୨୦୨୫ ଫାଇନାଲ ପହଞ୍ଚିବା ମାତ୍ରେ, ଭାରତ ଏବଂ ପାକିସ୍ତାନୀ ଅଧିନାୟକ ବଡ଼ ବୟାନ ଦେଇଛନ୍ତି। ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଗା ଫାଇନାଲକୁ ନେଇ ନିଜ ଦମ୍ ଦେଖାଇଥିବାବେଳେ ସୂର୍ଯ୍ୟକୁମାର ଯାଦବ ତାଙ୍କର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଏହି ମ୍ୟାଚ ସେପ୍ଟେମ୍ବର ୨୮ରେ ହେଉଛି। ଭାରତ ତାର ସମସ୍ତ ମ୍ୟାଚ ଜିତି ଫାଇନାଲ ପହଞ୍ଚିଛି। ପାକିସ୍ତାନ ସଂଘର୍ଷ କରି ସେଠାକୁ ଯାଇଛି। ତେଣୁ ୨ ଦେଶ ମଧ୍ୟରେ ଫାଇନାଲ ଜବରଦସ୍ତ ହେବ।

ସୁପର ଫୋରରେ ଶ୍ରୀଲଙ୍କାକୁ ପରାସ୍ତ କରିବା ପରେ, ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ବିପକ୍ଷରେ ଫାଇନାଲ ଉପରେ ନିଜର ମତ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଫାଇନାଲ ପହଞ୍ଚିବା ପରେ ଆମେ ଖୁସି, କିନ୍ତୁ ବର୍ତ୍ତମାନ ଆମେ ସେ ବିଷୟରେ ଚିନ୍ତା କରୁନାହୁଁ। ଦଳର ପ୍ରତ୍ୟେକ ଖେଳାଳିଙ୍କୁ ନିର୍ଭିକ ଭାବରେ ଖେଳିବ। ଆମ ଦଳର ଖେଳାଳି ଜାଣନ୍ତି ଯେ, ସେମାନଙ୍କୁ କ'ଣ କରିବାକୁ ପଡିବ।

ସୂର୍ଯ୍ୟକୁମାର ଯାଦବଙ୍କ ପୂର୍ବରୁ, ପାକିସ୍ତାନ ଅଧିନାୟକ ସଲମାନ ଆଗା ମଧ୍ୟ ଏସିଆ କପ ଫାଇନାଲ ଉପରେ ନିଜର ମତ ପ୍ରକାଶ କରିଥିଲେ। ସେ କହିଥିଲେ, ସେ ଫାଇନାଲ ପାଇଁ ବହୁତ ଉତ୍ସାହିତ। ଆମକୁ କ'ଣ କରିବାକୁ ପଡିବ ତାହା ଜାଣିଛୁ। ଆମେ ଯେକୌଣସି ଦଳକୁ ପରାସ୍ତ କରିବାକୁ ସକ୍ଷମ। ଏବଂ ଆମେ ରବିବାର ତାହା କରିବାକୁ ଚେଷ୍ଟା କରିବୁ।




# ପାକିସ୍ତାନକୁ ହରାଇବାକୁ ସୂର୍ଯ୍ୟକୁମାରଙ୍କୁ ମିଳିଲା ବଡ ପ୍ଲାନ




**ନୂଆଦିଲ୍ଲୀ**

ଭାରତୀୟ ଦଳ ଏସିଆ କପରେ ବିଜୟ ଧାରା ଜାରି ରଖିଛି, ବର୍ତ୍ତମାନ ଫାଇନାଲରେ ପାକିସ୍ତାନ ସହିତ ମୁକାବିଲା କରୁଛି। ତଥାପି, ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟାଟ ସମଗ୍ର ଟୁର୍ଣ୍ଣାମେଣ୍ଟରେ ନୀରବ ରହିଛି, ପାଞ୍ଚଟି ଇନିଂସରେ ମାତ୍ର ୭୧ରନ କରିଛି। ଏହି ଖରାପ ପ୍ରଦର୍ଶନ ମଧ୍ୟରେ, କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର ଅଧିନାୟକ ସୂର୍ଯ୍ୟକୁମାରଙ୍କୁ କିଛି ପରାମର୍ଶ ଦେଇଛନ୍ତି। ଗାଭାସ୍କର କହିଛନ୍ତି ଯେ ସୂର୍ଯ୍ୟକୁମାର ପଡ଼ିଆରେ ପ୍ରବେଶ କରିବା ପରେ କିଛି ବଲ ପାଇଁ ପିଚ ପରିସ୍ଥିତି ବୁଝିବାକୁ ଚେଷ୍ଟା କରିବା ଉଚିତ।

ରିପୋର୍ଟ ଅନୁଯାୟୀ, ସୁନୀଲ ଗାଭାସ୍କର କହିଛନ୍ତି, 'ସୂର୍ଯ୍ୟକୁମାର ଯାଦବ ନିସନ୍ଦେହରେ ଜଣେ ନମ୍ବର ୱାନ ଖେଳାଳି। ମୁଁ କେବଳ ଏତିକି କହିବାକୁ ଚାହେଁ ଯେ ସେ କିଛି ବଲ ଖେଳି ପିଚ ପରିସ୍ଥିତି ବୁଝିବାକୁ ଚେଷ୍ଟା କରିବା ଉଚିତ। ଗତି, ବାଉନ୍ସ ଏବଂ ଟର୍ଣ୍ଣ ମୂଲ୍ୟାଙ୍କନ କରନ୍ତୁ। ଡଗ ଆଉଟରେ ବସି ପଢ଼ିବା ଏବଂ ପଡ଼ିଆରେ ଖେଳିବା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି।'

ଗାଭାସ୍କର ଏହା ମଧ୍ୟ କହିଛନ୍ତି ଯେ ଯେତେବେଳେ ଜଣେ ବ୍ୟାଟସମ୍ୟାନ ସେଟ ହୋଇଯାଏ, ସେତେବେଳେ ପିଚ ସହଜ ମନେହୁଏ। ତଥାପି, ତାଙ୍କର ସ୍ୱାଭାବିକ ଖେଳ ଖେଳିବା ପୂର୍ବରୁ, ବ୍ୟାଟସମ୍ୟାନ ପାଇଁ ପିଚ ପରିସ୍ଥିତିକୁ ବୁଝିବା ଏବଂ ଜାଣିବା ଗୁରୁତ୍ୱପୂର୍ଣ୍ଣ।

ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱ ଭଲ ରହିଛି, ତାଙ୍କ ନେତୃତ୍ୱରେ ଭାରତ କେବଳ ଦୁଇଟି ଟି-୨୦ ମ୍ୟାଚ ହାରିଛି। ତଥାପି, ତାଙ୍କର ବ୍ୟକ୍ତିଗତ ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏହି ବର୍ଷ, ସୂର୍ଯ୍ୟକୁମାର ୧୦ ଟି-୨୦ ଇନିଂସରେ କେବଳ ୯୯ ରନ କରିଛନ୍ତି, ଯେଉଁଥିରେ ଗୋଟିଏ ବି ଅର୍ଦ୍ଧଶତକ ନାହିଁ।

ମାତ୍ର ତିନି ମାସ ପୂର୍ବେ, ସୂର୍ଯ୍ୟକୁମାର ଯାଦବ ଆଇପିଏଲ୍ ୨୦୨୫ରେ ୧୬ ମ୍ୟାଚରେ ୭୧୭ ରନ କରିଥିଲେ, କିନ୍ତୁ ଏସିଆ କପର ଚ୍ୟାଲେଞ୍ଜ ବହୁତ ଭିନ୍ନ। ସେ ଏସିଆ କପରେ ମାତ୍ର ୭୧ ରନ କରିଥିଲେ, ଯାହାର ଷ୍ଟ୍ରାଇକ ରେଟ ମାତ୍ର ୧୦୭.୫୭ଥିଲା। ଗତ ଥର, ସେ ପାକିସ୍ତାନ ବିପକ୍ଷରେ ଅପରାଜିତ ୪୭ ରନ କରିଥିଲେ, ଏବଂ ବର୍ତ୍ତମାନ ଫାଇନାଲରେ ତାଙ୍କଠାରୁ ଏକ ଦୃଢ଼ ପ୍ରଦର୍ଶନ ଆଶା କରାଯିବ। ସୂର୍ଯ୍ୟକୁମାରଙ୍କ ପ୍ରଦର୍ଶନ ଭାରତୀୟ ବ୍ୟାଟିଂକୁ ମଜବୁତ କରିବ।

# ଫାଇନାଲ ପୂର୍ବରୁ ଭାରତକୁ ବଡ଼ ଝଟକା !




**ନୂଆଦିଲ୍ଲୀ**

ଶୁକ୍ରବାର ରାତିରେ ଯେତେବେଳେ ଭାରତ ଏସିଆ କପରେ ଶ୍ରୀଲଙ୍କାଠାରୁ ହାରିବାର ଆଶଙ୍କାର ସମ୍ମୁଖୀନ ହେଉଥିଲା, ଅଧିନାୟକ ସୂର୍ଯ୍ୟକୁମାର ଯାଦବ ରଣନୀତି ପ୍ରସ୍ତୁତ କରିବାରେ ବ୍ୟସ୍ତ ଥିଲେ। ସେହି ସମୟରେ ସମସ୍ତ ଖେଳାଳି ପଡ଼ିଆରେ ଟେନସନ୍ରେ ଥିଲେ, କିନ୍ତୁ ହାର୍ଦ୍ଦିକ ପାଣ୍ଡ୍ୟା ପଡ଼ିଆରୁ ନିଖୋଜ ଥିଲେ। ପ୍ରଥମ ଓଭର ବୋଲିଂ କରିବା ପରେ ହାର୍ଦ୍ଦିକ କେଉଁଠାକୁ ଗଲେ ବୋଲି ସମସ୍ତେ ଭାବୁଥିଲେ।

ଡ୍ରେସିଂ ରୁମରେ ଥିବା ଜାଣିବା ମାତ୍ରେ ସମସ୍ତେ ଭୟଭୀତ ହୋଇଯାଇଥିଲେ। ପ୍ରଶଂସକମାନେ ବୁଝିପାରିଲେ ଯେ ଯଦି ହାର୍ଦ୍ଦିକଙ୍କ ଭଳି ଜଣେ ଯୋଦ୍ଧା ଏତେ ରୋମାଞ୍ଚକର ଏବଂ ଦମଦାର ମ୍ୟାଚ ସମୟରେ ପଡ଼ିଆରେ ନାହାନ୍ତି, ତେବେ ନିଶ୍ଚିତ ଭାବରେ କିଛି ଗଡବଡ଼ ହୋଇଛି।

ସୁପର ଓଭରରେ ମ୍ୟାଚ ଜିତିବା ପରେ, ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ହାର୍ଦ୍ଦିକଙ୍କ ନାମ ନ ନେଇ କହିଥିଲେ, "ଆଜି ରାତିରେ ଭଲ ଭାବରେ ସୁସ୍ଥ ହେବା। ଆମେ ବର୍ତ୍ତମାନ ଫାଇନାଲ ବିଷୟରେ ଚିନ୍ତା କରିବା ଉଚିତ୍ ନୁହେଁ। କିଛି ଖେଳାଳି ଆଜି ଗୁରୁତର କ୍ରାମ୍ପ ଅନୁଭବ କରିଥିଲେ। ଆସନ୍ତାକାଲି ଭଲ ସୁସ୍ଥ ହେବାର ଦିନ ଏବଂ ଆମେ ଆଜି ଯେପରି କରିଥିଲୁ ସେହିପରି ପ୍ରଦର୍ଶନ କରିବୁ।' କିଛି ସମୟ ପରେ, ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲ ସୂର୍ଯ୍ୟଙ୍କ ବୟାନକୁ ନିଶ୍ଚିତ କରିବାକୁ ଆସି ସ୍ପଷ୍ଟ କରିଥିଲେ ଯେ ହାର୍ଦ୍ଦିକ ପାଣ୍ଡ୍ୟା ଫାଇନାଲ ପୂର୍ବରୁ ଆହତ ହୋଇଛନ୍ତି।

ଭାରତୀୟ ବୋଲିଂ ପ୍ରଶିକ୍ଷକ ମୋର୍ନେ ମୋର୍କେଲ ନିଶ୍ଚିତ କରିଛନ୍ତି ଯେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଅଭିଷେକ ଶର୍ମା ଉଭୟ ପୀଡିତ। ମୋର୍କେଲ କହିଛନ୍ତି, "ଅଭିଷେକ ସୁସ୍ଥ ଅଛନ୍ତି, କିନ୍ତୁ ଆମେ ଆଜି ରାତିରେ ଏବଂ ଆସନ୍ତାକାଲି ସକାଳେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ହାର୍ଦ୍ଦିକଙ୍କ ଅବସ୍ଥା ଯାଞ୍ଚ କରିବୁ।

## କଟକ ନାଟ୍ୟୋତ୍ସବ ୨୦୨୫
# ନିର୍ଣ୍ଣାୟକ ପର୍ଯ୍ୟାୟକୁ ଉନ୍ନୀତ ହେଲେ ୧୧ ଶିକ୍ଷାନୁଷ୍ଠାନ

**କଟକ, ନ୍ୟୁଜ୍‌ବ୍ୟୁରୋ**

କଳା ପ୍ରତି ଛାତ୍ରଛାତ୍ରୀମାନଙ୍କର ଥିବା ବିଶେଷ ଆଗ୍ରହ ପ୍ରତିଫଳିତ ହୋଇଛି କଟକ ନାଟ୍ୟୋତ୍ସବ-୨୦୨୫ରେ । ନାଟକର ଏନ୍ତୁଡ଼ିଶାଳ କଟକରେ କେତେ ଯେ କଳାକାର ଲୁଚି ରହିଛନ୍ତି ସେମାନଙ୍କୁ ଆଗକୁ ଆଣିବାର ପ୍ରୟାସ ହେଉଛି କଟକ ନାଟ୍ୟୋତ୍ସବ-୨୦୨୫, ଯେଉଁଠାରୁ ଆଗାମୀ ପିଢ଼ିର କଳାକାର ପ୍ରସ୍ତୁତ ହେବେ ବୋଲି ଚୟନ ପର୍ଯ୍ୟାୟର ଶେଷ ସନ୍ଧ୍ୟାରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଯୋଗ ଦେଇ କହିଛନ୍ତି । ଚୟନ ପର୍ଯ୍ୟାୟରେ ମୋଟ ୧୧ ଟି ନାଟକ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଏହି ନାଟକଗୁଡିକ ମଧ୍ୟରେ ରହିଛି ରେଭେନସା ବିଶ୍ୱବିଦ୍ୟାଳୟର ବିଶ୍ୱାସଘାତକ, ମୋହନ ସୁବୁଦ୍ଧି ମହାବିଦ୍ୟାଳୟ, ବଡମ୍ବାର କଳାନନ୍ଦିନୀ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସକାଳର ଅପେକ୍ଷାରେ, ସାଲେପୁର ମହାବିଦ୍ୟାଳୟର ଶୂନ୍ୟତାରୁ ଅନ୍ଧାର ଆଡକୁ, ରାଧାନାଥ ଇନଷ୍ଟିଚ୍ୟୁଟ ଅଫ ଆଡ୍‌ଭାନ୍ସଡ୍ ଷ୍ଟଡିଜର ନାଟକ ଶକ୍ତିଶ୍ରୀ, ବିଜୁ ପଟ୍ଟନାୟକ ଫିଲ୍ମ ଏବଂ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ ନାଟକ ନାଁ ଟି ତାର ହେନା, ଖ୍ରୀଷ୍ଟ ମହାବିଦ୍ୟାଳୟର ଶେଷ ଇଛା, ରାଧାନାଥ ରଞ୍ଜରଓ ର ମୁଁ ଚାହେଁ ପରିବର୍ତ୍ତନ, ପିଲୁ ମୋଦୀ କଲେଜ ଅଫ ଆର୍କିଟେକଚରର ଠିକ କି ଭୁଲ, ଦ ଲ କଲେଜର ମୁକ୍ତି, ରଘୁନାଥଜୀଉ ଡିଗ୍ରୀ କଲେଜର ମୋ ପରିଚୟ । କାର୍ଯ୍ୟକ୍ରମରେ ଅଭିନେତା ଶ୍ରୀତମ ଦାସ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କୃତି ଅନୁଷ୍ଠାନଗୁଡିକର ନାମ ଘୋଷଣା କରିଥିଲେ ।

ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ନଳିନୀକାନ୍ତ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ । ନାଟ୍ୟ ବିଶେଷଜ୍ଞ ଶ୍ରୀକାନ୍ତ ଚୌଧୁରୀ, ଉମେଶ ଦାସ, ଦେବୁ ପଟ୍ଟନାୟକ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ବବି ଇସଲାମ ଓ ସନ୍ଦୀପ ପାଣି ପ୍ରମୁଖ ଉପସ୍ଥିତ ଥିଲେ । ଅକ୍ଟୋବର ୧୩ ତାରିଖରୁ କଟକ ନାଟ୍ୟୋତ୍ସବ ୨୦୨୫ ନିର୍ଣ୍ଣାୟକ ପର୍ଯ୍ୟାୟ ଅନୁଷ୍ଠିତ ହେବ ଏବଂ ସେଠାରୁ ବିଜେତାମାନଙ୍କୁ ଚୟନ କରାଯିବ। ଚାମ୍ପିଅନ୍ ଦଳକୁ ଏକ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ସହ ଟ୍ରଫି, ପ୍ରଥମ ରନର୍ସ ଅପ୍ ଦଳକୁ ୭୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ଟ୍ରଫି ଏବଂ ଦ୍ୱିତୀୟ ରନର୍ସ ଅପ୍ ଦଳକୁ ୫୦ ହଜାର ଟଙ୍କାର ନଗଦ ପୁରସ୍କାର ସହ ଟ୍ରଫି ପ୍ରଦାନ କରାଯିବ । ଏହାବ୍ୟତୀତ ୭ଟି ଶ୍ରେଷ୍ଠ ପ୍ରଦର୍ଶନକାରୀ ଦଳକୁ ସାନ୍ତ୍ୱନାମୂଳକ ଟ୍ରଫି ସହ ୧୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ।

# ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ପର୍ଯ୍ୟଟନ ଦିବସ ୨୦୨୫ ପାଳିତ ହୋଇଯାଇଅଛି । ଏହି ଅବସରରେ ବଜ୍ରକବାଟୀ ସ୍ଥିତ ସେକେଣ୍ଡାରୀ ବୋର୍ଡ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ଙ୍କୁ ନେଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। ସେକେଣ୍ଡାରୀ ବୋର୍ଡ ଉଚ୍ଚ ବିଦ୍ୟାଳୟର ମିହିର ଶତପଥୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମୃତ୍ୟୁଞ୍ଜୟ ପରିଡା ଦ୍ୱିତୀୟ ସ୍ଥାନ ଓ ଓମ ପ୍ରକାଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେହିପରି ମହାବିଦ୍ୟାଳୟ ସ୍ତରରେ କୁଇଜ ପ୍ରତିଯୋଗିତା ରେ ରେଭେନ୍ସା ମହାବିଦ୍ୟାଳୟର ଅଶଲେଷ ସ୍ୱାଇଁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେହି ମହାବିଦ୍ୟାଳୟର ଈଶାନ କୁମାର କୁଆଁର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସଚ୍ଚିଦାନନ୍ଦ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ । କୁଇଜ ପ୍ରତିଯୋଗିତାର ବିଚାରକ ଭାବେ ଶ୍ରୀ ସୌଭାଗ୍ୟ ରାଉତ ଓ ସାଗରୀକା ରାଉତ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ପର୍ଯ୍ୟଟନ ଉପଖଣ୍ଡ କାର୍ଯ୍ୟାଳୟ, କଟକ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜନ ହୋଇଥିଲା ।

# ତୁଳସୀ ମହିଳା ମହାବିଦ୍ୟାଳୟରେ 'ସୁସ୍ଥ ନାରୀ ସଶକ୍ତ ପରିବାର' କାର୍ଯ୍ୟକ୍ରମ

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟରେ ସୁସ୍ଥ ନାରୀ ସଶକ୍ତ ପରିବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ମଥୁରି ଚରଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କେନ୍ଦ୍ରାପଡ଼ାର ସହଯୋଗରେ ଛାତ୍ରୀ ଏବଂ କର୍ମଚାରୀମାନଙ୍କର ଓଜନ, ହିମୋଗ୍ଲୋବିନ୍ ଏବଂ ବି.ପି ପରୀକ୍ଷା ହୋଇଥିଲା। ମହାବିଦ୍ୟାଳୟର ଷ୍ଟୁଡେଣ୍ଟ ସର୍ଭିସ୍ ସେଣ୍ଟରର ସଦସ୍ୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଧ୍ୟକ୍ଷ ଡ଼ ନାୟକ ତାଙ୍କ ବକ୍ତବ୍ୟରେ ସୁସ୍ଥ ନାରୀ ସଶକ୍ତ ପରିବାର ଓ ସମାଜ ଗଠନରେ ସହାୟକ ହୋଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଶ୍ରୀ ଜେନା , ନର୍ସିଂ ଅଫିସର୍ ପ୍ରିୟମ୍ବଦା ନାୟକ , ଏ.ଏନ୍.ଏମ୍ ସ୍ୱାସ୍ଥ୍ୟକର୍ମୀଙ୍କ ନେତୃତ୍ୱରେ ପ୍ରାୟ ୪୦୦ ଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ପ୍ରାଧ୍ୟାପିକା ସବିତା ଦାସ, ଅଧ୍ୟାପିକା ମମତା ସାହୁ, ପଦ୍ମଜା କବି ଶତପଥୀ , ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା, ଅନୁରାଧା ବେହେରା, ଆରତୀ ଚୌଧୁରୀ ଏବଂ ଜ୍ୟୋତ୍ସ୍ନାରାଣୀ ସାମଲ ସୁଚାରୁ ରୂପେ ପରିଚାଳନା କରିଥିଲେ।



# ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ଆଲୋଚନାଚକ୍ର

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରର ବହୁ ଚର୍ଚ୍ଚିତ ୨୦୦୧ ମସିହାର ହାତୀ ଆନ୍ଦୋଳନରେ ସାମିଲ ତଥା ପୋଲିସ ଗୁଳିର ଶିକାର ହୋଇଥିବା ଆନ୍ଦୋଳନକାରୀ ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଗଠିତ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦ ପକ୍ଷରୁ କେନ୍ଦୁଝର ସହରର ରୋଟାରି କ୍ଲବ ପରିସରରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ର ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ବରିଷ୍ଠ ସଦସ୍ୟ ରାଧାକାନ୍ତ ମହାନ୍ତ ଙ୍କ ନେତୃତ୍ୱରେ କୁମୁଦିନୀ ସାହୁ, ସଞ୍ଜୟ କୁମାର ପଣ୍ଡା,କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସିନ ହୋଇ ବନ୍ୟଜନ୍ତୁ ପ୍ରପୀଡ଼ିତଙ୍କ ସୁରକ୍ଷା ପାଇଁ ଏବଂ ଶସ୍ୟର କ୍ଷତିପୂରଣ ବୃଦ୍ଧି ପାଇଁ ଦାବି କରିବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡିଶାର ଦାୟିତ୍ୱ ନେବାପରେ ହାତୀ ଆକ୍ରମଣରେ ମଣିଷର ମୃତ୍ୟୁ ହେଲେ ପରିବାରକୁ ୬ଲକ୍ଷ କ୍ଷତିପୂରଣ ବଦଳରେ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିବାରୁ ଉପସ୍ଥିତ ସମବେତ ବୁଦ୍ଧିଜୀବୀ ଏବଂ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର କର୍ମକର୍ତ୍ତାମାନେ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ଆଗାମି ଦିନରେ ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ ଉପସ୍ଥିତ ବୁଦ୍ଧିଜୀବୀ। ବନ୍ୟଜନ୍ତୁ ପ୍ରପୀଡ଼ିତ ସୁରକ୍ଷା ପରିଷଦର ବରିଷ୍ଠ ସଦସ୍ୟ ବେଣୁଧର ମହାନ୍ତ ଶୋଭା ପରିଚାଳନା କରିଥିବାବେଳେ ପରିବେଶ ବିତ ଭକ୍ତବତ୍ସଳ ମହାନ୍ତି, ଦେବରାଜ ଆଚାର୍ଯ୍ୟ, ସଂଗ୍ରାମ ଦାସ, ଦିଲ୍ଲୀପ କୁମାର ସାହୁ, ବଳଭଦ୍ର ମହାନ୍ତ, ଭୈରବ ମହାନ୍ତ, ସତ୍ୟଜିତ ମିଶ୍ର, ଯଜ୍ଞପ୍ରସାଦ ସାହୁ ପ୍ରମୁଖ ନିଜ ନିଜର ମତାମତ ଏବଂ ପ୍ରସ୍ତାବ ରଖିଥିଲେ।

# ସାମ୍ବାଦିକ ମିହିର ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳିସଭା

**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ମହକୁମାରେ ବିଭିନ୍ନ ଗଣମାଧ୍ୟମରେ ତୃଣମୂଳ ସ୍ତରରେ ସାମ୍ବାଦିକତା କରି ଯେଉଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ପରଲୋକ ହୋଇଛି, ସେମାନଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ଓ ଆଗାମୀ ପିଢ଼ିକୁ ସୂଚାଇ ଦେବାନେଇ ଗଠିତ ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି, ବାଲେଶ୍ୱର ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ପ୍ରକୋଷ୍ଠ ଠାରେ ଆଜି ଅନୁଷ୍ଠିତ ହୋଇଛି। ସ୍ମୃତି କମିଟିର ସଭାପତି ବରିଷ୍ଠ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଦିବଂଗତ ସାମ୍ବାଦିକ ମିହିର କୁମାର ପାଣିଗ୍ରାହୀଙ୍କ ଶ୍ରଦ୍ଧାଞ୍ଜଳି ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ସ୍ୱର୍ଗତ ପାଣିଗ୍ରାହୀଙ୍କ ସମ୍ବନ୍ଧରେ ଉଲ୍ଲେଖ କରିବା ସହିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କର ଭୂମିକା ସର୍ବଦା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କହିଥିଲେ।

# ଗଜଲକ୍ଷ୍ମୀ ପୂଜା ମଣ୍ଡପକୁ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି



**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡାର ପ୍ରସିଦ୍ଧ ଗଣପର୍ବ ଶ୍ରୀ ଶ୍ରୀ ଗଜଲକ୍ଷ୍ମୀ ପୂଜା ୧୦୦ ବର୍ଷରେ ପଦାର୍ପଣ କରିବାକୁ ଯାଉଛି। ରାଜ୍ୟ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଶାସନ ସଚିବଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ପ୍ରାଚୀନ ସାର୍ବଜନିନ ଦୁର୍ଗ ମେଢ ଗୁଡିକୁ ଅନୁଦାନ ପାଇଁ ସରକାର ଚିନ୍ତା କରୁଛନ୍ତି । ତେଣୁ କେନ୍ଦ୍ରାପଡା ଜିଲ୍ଲାରେ ଦୀର୍ଘ ୧୦୦ ବର୍ଷ ଧରି ପାଳନ କରା ଯାଉଥିବା ଶ୍ରୀ ଶ୍ରୀ ଗଜଲକ୍ଷ୍ମୀ ପୂଜା ମଣ୍ଡପ ଗୁଡିକୁ ସରକାରୀ ଅନୁଦାନ ପ୍ରଦାନ କରିବାପାଇଁ ୪୮ ଗୋଟି ମେଢର ବିଭିନ୍ନ ମଣ୍ଡପ ତରଫରୁ ଜିଲ୍ଲା ପୂଜା କମିଟି ସଭାପତି ଯୁଗଳ ବେହେରା ଓ ଅନ୍ୟ ସଭ୍ୟମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବି ବିଭାଗୀୟ ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ସମୟରେ କମିଟିର ବହୁ ସଭ୍ୟ ଉପସ୍ଥିତ ଥିଲେ ।

ଭୁବନେଶ୍ୱର
୨୮ ସେପ୍ଟେମ୍ବର, ରବିବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27








ଭୁବନେଶ୍ୱରରେ ମା' ଦୁର୍ଗାଙ୍କ ପୂଜା ପାଇଁ ପ୍ରସ୍ତୁତ ତୋରଣ । (ଫଟୋ : ସମ୍ବାଦ କଳିକା)




ଝାରସୁଗୁଡା : ଓଡ଼ିଶା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ବନ୍ଦେ ଭାରତ ଏକ୍ସପ୍ରେସର ଶୁଭାରମ୍ଭ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

## ରାଜଧାନୀରେ ଦୁର୍ଗାପୂଜା ଭସାଣି ଯାଏଁ ଟ୍ରାଫିକ୍ କଟକଣା

# ଅପରାହ୍ଣ ୨ଟାରୁ ରାତି ୨ଟା ଯାଏ ପଶିବନି ଭାରୀଯାନ

**ଭୁବନେଶ୍ୱର,୨୭/୦୬
ନ୍ୟୁଜ ବ୍ୟୁରୋ**




ଦୁର୍ଗା ପୂଜାରେ ପ୍ରବଳ ଭକ୍ତଙ୍କ ସମାଗମ ହେବ । ସହରର ଟ୍ରାଫିକ୍ ଯନ୍ତ୍ରଣାରେ ହଜାର ହଜାର ଭକ୍ତ ଘାଣ୍ଟି ହେବେ । ଏହାକୁ ଦୃଷ୍ଟିରେ ରଖି ଶନିବାର ଠାରୁ ୨ ତାରିଖ ପର୍ଯ୍ୟନ୍ତ ପୁଲିସ୍ ଟ୍ରାଫିକ୍ କଟକଣା ଜାରି କରିଛି ପୋଲିସ କମିଶନରେଟ। ଅପରାହ୍ଣ ୨ଟାରୁ ରାତି ୨ଟା ଯାଏଁ ସହର ଭିତରେ ଭାରୀଯାନ ପ୍ରବେଶରେ ରୋକ୍ ଲଗାଇଛି । ଏନ୍ଏଚ୍ ନଂ-୧୬ରୁ ସହର ଭିତରକୁ ଲମ୍ବିଥିବା ସମସ୍ତ ରାସ୍ତାରେ ଭାରୀଯାନ ପ୍ରବେଶ କରିପାରିବନି । ଜୟଦେବବିହାର ଛକଠୁ କଳିଙ୍ଗ ଷ୍ଟାଡିୟମ ରୁଟ୍‌ରେ ରାଜଭବନ ଯାଏ, ଜୟଦେବବିହାର ଆରପଟ ପାର୍ଶ୍ୱରେ ଜାଭିୟର, କଳିଙ୍ଗ ହସ୍ପିଟାଲ, ଡମଣା, ପଟିଆ ଦେଇ ନନ୍ଦନକାନନ ଯାଏଁ ଭାରୀଯାନ ଗଡ଼ିବନି । ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଯାଏ ଫାୟାର ଷ୍ଟେସନ ଛକଠୁ ଗଙ୍ଗନଗର ରୁଟ୍‌ରେ ଶିଶୁଭବନ ଛକ ଓ ସିଆରପି ଛକଠୁ ଡିଏଭି ସ୍କୁଲ୍ ୟୁନିଟ୍-୮ ରାସ୍ତା ଯାଏ ଭାରୀଯାନ ଚଳାଚଳ କରିବନି । ଆଚାର୍ଯ୍ୟ ବିହାର ଛକଠୁ ନିକୋ ପାର୍କ ଦେଇ ଏଜି ଛକ, ଅପରପାର୍ଶ୍ୱରେ ସୈନିକ ସ୍କୁଲ୍ ଦେଇ କଳିଙ୍ଗ ହସ୍ପିଟାଲ୍ ଛକ, ବାଣୀବାହାର ଛକରୁ ଜନପଥରେ ଶିଶୁ ଭବନ ଏବଂ ରସୁଲଗଡ଼ ଛକରୁ କଟକ ରୋଡ଼ ଦେଇ ଲିଙ୍ଗିପୁର ଛକ ଯାଏଁ ଗୋଟିଏ ବି ଭାରୀଯାନ ଗଡ଼ିବନି । ଖୋର୍ଦ୍ଧା ପିତାପଲ୍ଲୀ ଛକଠୁ ଚନ୍ଦକା ବାରଙ୍ଗ ରାସ୍ତାକୁ ଭାରୀଯାନ ପାଇଁ ଖୋଲାଯିବ। ଖୋର୍ଦ୍ଧା ପଟୁ ପିତାପଲ୍ଲୀ ଛକଠାରୁ, କଟକ ପଟୁ ବାଲିକୁଦା ଛକ ଦେଇ ଭାରୀଯାନ ଯା'ଆସ କରିପାରିବ । ଆବଶ୍ୟକ ପଡ଼ିଲେ, ପିତାପଲ୍ଲୀ ଓ ବିରୂପା ବ୍ରିଜଠାରୁ ଭାରୀଯାନକୁ ଅଟକାଯିବ । ରାବଣ ପୋଡ଼ି ବେଳେ କଟକ ପଟୁ ଆସୁଥିବା ଗାଡ଼ି (ଭାରୀଯାନ ବ୍ୟତୀତ) ଜୟଦେବ ବିହାରରୁ ବେହେରା ସାହି ଦେଇ ଶାସ୍ତ୍ରୀ ନଗର, ପାୱାର ହାଉସ୍, ୟୁନିଟ୍-୮ ଦେଇ ସିଆରପି ଛକ ଛୁଇଁବ । ଖୋର୍ଦ୍ଧା ପାର୍ଶ୍ୱରୁ ଗାଡ଼ିଗୁଡ଼ିକ ସିଆରପି, ଏକାମ୍ର କାନନ ରାସ୍ତା ଦେଇ ଜୟଦେବ ବିହାରରେ ବାହାରିବ । ପୁରୀ ଆଡୁ ଆସୁଥିବା ଯାତ୍ରୀବାହୀ ବସ୍ ଲିଙ୍ଗିପୁର ଛକଠୁ ପୁରୀ ବାଇପାସ୍ ଦେଇ ହାଇଟେକ ଛକଠାରୁ ଏନ୍ଏଚ୍-୧୬ ରାସ୍ତାରେ ବରମୁଣ୍ଡାକୁ ଯିବ । ପୁରୀକୁ କଟକ ଯା'ଆସ କରୁଥିବା ବସ୍‌ଗୁଡ଼ିକ ସହର ଭିତରକୁ ପଶି ପାରିବନି। ମାଷ୍ଟରକ୍ୟାଣ୍ଟିନ ଛକରୁ ବସ୍ (ସରକାରୀ/ ବେସରକାରୀ) ଜନପଥ ଦେଇ ବାଣୀବିହାର କି ରବିଟକିଜ, ଲିଙ୍ଗରାଜ ମନ୍ଦିର ପଟୁ କଳ୍ପନା, ଶିଶୁଭବନ ଛକକୁ ଯାଇପାରିବନି ।

# କିଟ୍ ସେଣ୍ଟର ଫର ଇଣ୍ଟରନ୍ୟାସନାଲ ଆର୍ବିଟ୍ରେସନ୍ ଆଣ୍ଡ ମେଡିଏସନ ହେଉଛି ଏକ ସମୟୋଚିତ ପଦକ୍ଷେପ



**ଭୁବନେଶ୍ୱର, ୨୭।୯
ନ୍ୟୁଜ ବ୍ୟୁରୋ**

କିଟ୍ ସେଣ୍ଟର ଫର ଇଣ୍ଟରନ୍ୟାସନାଲ ଆର୍ବିଟ୍ରେସନ୍ ଆଣ୍ଡ ମେଡିଏସନ (କେସିଆଇଏଏମ୍)ର କର୍ଟେନ ରେଜର ଏବଂ ଭିଜନର ଶୁଭାରମ୍ଭ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଇଣ୍ଟରନ୍ୟାସ୍‌ନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଡ. ଜଷ୍ଟିସ୍ ଅବଦୁଲକାୱି ଏ. ୟୁସୁଫ୍; ଭାରତ ଉଚ୍ଚତମ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ ମେହେଟାଙ୍କ ସମେତ ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସୁଜିତ ନାରାୟଣ ପ୍ରସାଦ, ଜଷ୍ଟିସ୍ ଆନନ୍ଦ ସେନ୍, ଜଷ୍ଟିସ୍ ରାଜେଶ କୁମାର, ପାଟନା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ସନ୍ଦୀପ କୁମାର, ବରିଷ୍ଠ ଅଧିବକ୍ତା ତଥା ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ୍ ପିଙ୍କି ଆନନ୍ଦ ପ୍ରମୁଖ ଯୋଗଦେଇ ଥିଲେ। ଜଷ୍ଟିସ୍ ମେହେଟା କେସିଆଇଏଏମ୍ ପ୍ରତିଷ୍ଠାକୁ ଏକ ସମୟୋଚିତ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ପଦକ୍ଷେପ ଭାବରେ ବର୍ଣ୍ଣନା କରି କହିଲେ, ଏହା ବିଶ୍ୱସ୍ତରୀୟ ଆଇନ ସୁବିଧା ପ୍ରଦାନ, ସହଯୋଗକୁ ପ୍ରୋତ୍ସାହନ ସହ ଭବିଷ୍ୟତର ଆର୍ବିଟ୍ରେଟରମାନଙ୍କୁ ତାଲିମ ଦେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଏହି କେନ୍ଦ୍ର ସର୍ବୋତ୍ତମ ଆର୍ବିଟ୍ରେସନ୍ ଓ ମଧ୍ୟସ୍ଥତା କ୍ଷେତ୍ରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। କେସିଆଇଏଏମ୍ ଏ କ୍ଷେତ୍ରରେ କେବଳ ସେବା ଯୋଗାଇ ଦେବ ନାହିଁ ବରଂ ଆର୍ବିଟ୍ରେସନ ଓ ମଧ୍ୟସ୍ଥତା ପାଇଁ ଏକ ବିଶ୍ୱବ୍ୟାପୀ କେନ୍ଦ୍ର ଭାବରେ ଭାରତର ବୃହତ ଦୃଷ୍ଟିକୋଣରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବା ନିମନ୍ତେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ। ଜଷ୍ଟିସ୍ ଅବଦୁଲକାୱି କହିଲେ, ସମସ୍ୟା ସମାଧାନ ଓ ମଧ୍ୟସ୍ଥତା ଭାରତରେ ନୂଆ ନୁହେଁ। ଏହାର ମୂଳ ଗଭୀର ଭାବେ ଭାରତର ଇତିହାସ ସହ ଜଡ଼ିତ ରହିଛି । ଏହି ନୂତନ କେନ୍ଦ୍ର ଦେଶରେ ସଂସ୍ଥାଗତ ଆର୍ବିଟ୍ରେସନର ଏକ ନୂତନ ଯୁଗକୁ ସୂଚୀତ କରିବ ବୋଲି ସେ ଆଶା ପୋଷଣ କରିଥିଲେ। ଜଷ୍ଟିସ୍ ସନ୍ଦୀପ କୁମାର କହିଲେ, ଭୁବନେଶ୍ୱର ଏପରି ଏକ କେନ୍ଦ୍ର ପାଇଁ ଉପଯୁକ୍ତ ସ୍ଥାନ। କାରଣ ଏହା ଏକ ପ୍ରଯୁକ୍ତିବିଦ୍ୟା ହବ୍ ଭାବରେ ଜଣାଶୁଣା । ଭାରତର ଆର୍ବିଟ୍ରେସନ ଦୃଶ୍ୟପଟ ଆମୂଳଚୂଳ ଭାବରେ ପରିବର୍ତ୍ତିତ ହୋଇଛି। ନିକଟ ବର୍ଷଗୁଡ଼ିକରେ କେବଳ ଆର୍ବିଟ୍ରେସନ ଦ୍ୱାରା ୫୮ହଜାରରୁ ଅଧିକ ମାମଲାର ସମାଧାନ କରାଯାଇଛି। ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ଆର୍ବିଟ୍ରେସନ୍ ଓ ମେଡିଏସନ୍ ପାଇଁ ପକ୍ଷମାନେ କେବଳ ଦିଲ୍ଲୀ କିମ୍ବା ମୁମ୍ବାଇ ଉପରେ ନିର୍ଭର କରିବା ଅପେକ୍ଷା ଭୁବନେଶ୍ୱରରେ ବିବାଦର ସମାଧାନ କରିପାରିବେ ବୋଲି ସେ କହିଥିଲେ। ଜଷ୍ଟିସ୍ ରାଜେଶ କୁମାର ଆର୍ବିଟ୍ରେସନ ଓ ମେଡିଏସନ୍ ଉପରେ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ବିଦେଶକୁ ଯାଉଥିବା ମାମଲାର ସଂଖ୍ୟା ହ୍ରାସ ଉପରେ ଆଲୋକପାତ କରିଥିଲେ। ଜଷ୍ଟିସ୍ ଆନନ୍ଦ ସେନ୍ କହିଲେ, ଆର୍ବିଟ୍ରେସନ ଏବଂ ମେଡିଏସନ୍ ବିକଳ୍ପରୁ ବିବାଦ ସମାଧାନର ମୁଖ୍ୟଧାରା ଭାବେ ପରିଣତ ହେବାରେ ଲାଗିଛି। ଦୃଢ଼ ଆଇନଗତ ପୃଷ୍ଠଭୂମି ସହିତ ପ୍ରଶିକ୍ଷିତ ଆର୍ବିଟ୍ରେଟର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କେସିଆଇଏଏମ୍ ବିଶ୍ୱ ସ୍ତରରେ ସର୍ବୋତ୍ତମ କେନ୍ଦ୍ର ମଧ୍ୟରୁ ଗୋଟିଏ ହୋଇ ଉଭା ହେବାର ସମ୍ଭାବନା ରହିଛି ବୋଲି ଜଷ୍ଟିସ୍ ସୁଜିତ ନାରାୟଣ ପ୍ରସାଦ ପ୍ରକାଶ କରିଥିଲେ । ବରିଷ୍ଠ ଅଧିବକ୍ତା ଏବଂ ପୂର୍ବତନ ଅତିରିକ୍ତ ସଲିସିଟର ଜେନେରାଲ ଡ. ପିଙ୍କି ଆନନ୍ଦ କହିଲେ, ଏହି କେନ୍ଦ୍ରର ପ୍ରତିଷ୍ଠା ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ଆକାଂକ୍ଷାକୁ ପ୍ରତିଫଳିତ କରିବା ସହ ନ୍ୟାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବ। କିଟ୍ ଲ' ସ୍କୁଲର ପ୍ରଫେସର ଏମେରିଟସ୍ ପ୍ରଫେସର ଏନ ଏଲ ମିତ୍ର କହିଲେ, କେସିଆଇଏଏମ୍ ଏକ ବିଶ୍ୱସ୍ତରୀୟ ଆର୍ବିଟ୍ରେସନ୍ କେନ୍ଦ୍ର ହେବ ଏବଂ ଏଥିରେ ଆର୍ବିଟ୍ରେସନ ଓକିଲଙ୍କ ଭଲ ପ୍ୟାନେଲ ରହିବ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ କେସିଆଇଏଏମ୍‌ର ୱେବସାଇଟ୍ ଓ ଲୋଗୋ ଉନ୍ମୋଚନ କରାଯାଇଥିଲା। କେସିଆଇଏଏମ୍‌ର ଅଧ୍ୟକ୍ଷ ତଥା କିଟ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ ପରିଜା ସ୍ୱାଗତ ଭାଷଣ ଦେଇ ଭାରତୀୟ ଆଇନ ବ୍ୟବସ୍ଥାରେ ସ୍ଥାପିତ ଏହି କେନ୍ଦ୍ର ବିଶ୍ୱସ୍ତରୀୟ ସର୍ବୋତ୍ତମ ଅଭ୍ୟାସ ସହ ସମନ୍ୱୟ ରଖିବ ବୋଲି କହିଥିଲେ। କେସିଆଇଏଏମ୍ ବ୍ୟବସାୟ, ନିବେଶକ, ସରକାର ଏବଂ ପ୍ରତିଷ୍ଠାନଗୁଡ଼ିକୁ ଉତ୍ତମ ଆଇନ ସେବା ପ୍ରଦାନ ନିମନ୍ତେ ଏକ ପ୍ରମୁଖ କେନ୍ଦ୍ର ପାଲଟିବ ବୋଲି ସେ କହିଥିଲେ। ଶେଷରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରକାଶ ଅପେକ୍ଷାରେ...**

**'କଥାକଳିକା'ର ଅକ୍ଟୋବର -୨୦୨୫ ପାର୍ବଣ ସଂଖ୍ୟା**




**ଏଥର ସଂଖ୍ୟାରେ...**

**ସ୍ମରଣୀୟ କଥା :** ରାଜ କିଶୋର ଦାସ
**ସମକାଳର କଥା :** ଗଙ୍ଗାଧର ବିଶ୍ୱାଳ, ସଂଘମିତ୍ରା ମିଶ୍ର, ଅନୁସୂୟା ପଣ୍ଡା, ସୁଚିତ୍ରା ମିଶ୍ର, ରଞ୍ଜନ ପ୍ରଧାନ, ସୁକାନ୍ତି ରାଉତ, ସ୍ୱାଗତିକା ସେଠୀ।
**ଅନ୍ୟ ଭାଷାର କଥା :** ଲିଙ୍ଗରାଜ ମହାନ୍ତି
**ଯୁବ ମାନସର କଥା :** ପାରମିତା ସାହୁ, ପ୍ରତାପ କୁମାର ପଣ୍ଡା ଓ ରୁମିନନ୍ଦ।
**ଏବଂ ଶେଷରେ....**
**ବିଶେଷ କଥା :** ଅଶୋକ ବିଶ୍ୱାଳ, ପ୍ରଣିତା ରାଣୀ ବେହେରା।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ଆସନ୍ତା ୨୯ରୁ ଦଶହରା ଅବକାଶ
# ଅକ୍ଟୋବର ୮ରେ ଖୋଲିବ ହାଇକୋର୍ଟ

**କଟକ,୨୭/୦୯ ନ୍ୟୁଜ ବ୍ୟୁରୋ**



ଆସନ୍ତା ୨୯ ତାରିଖ ସୋମବାରରୁ ହାଇକୋର୍ଟର ଦଶହରା ଅବକାଶ ଆରମ୍ଭ ହେଉଛି । ଅକ୍ଟୋବାର ୮ରେ ଅଦାଲତ ଖୋଲିବ । ଏହି ଛୁଟି ସମୟ ମଧ୍ୟରେ ଜରୁରି ମାମଲାର ଶୁଣାଣି ପାଇଁ ତିନିଦିନ ଅର୍ଥାତ୍ ଆସନ୍ତା ୨୯ ତାରିଖ, ଅକ୍ଟୋବର ୧ ତାରିଖ ଓ ୬ ତାରିଖରେ ଅବକାଶକାଳୀନ ଅଦାଲତ ବସିବ । ୨୯ ତାରିଖ ସୋମବାର ପ୍ରଥମ ଅବକାଶକଳୀନ ଅଦାଲତ ବସିବ। ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ବିଭିନ୍ନ ଜରୁରିକାଳୀନ ମାମଲାର ଶୁଣାଣି ହେବ । ପରେ ବିଚାରପତି ଦ୍ୱୟ ପୃଥକ୍ ପୃଥକ୍ ବେଞ୍ଚରେ ଅନ୍ୟାନ୍ୟ ମାମଲାର ଶୁଣାଣି କରିବେ । ଅନ୍ୟତମ ବିଚାରପତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶ ମଧ୍ୟ ସେହିଦିନ ଜାମିନ୍ ମାମଲାର ଶୁଣାଣି କରିବେ । ସେହିପରି ଅକ୍ଟୋବର ପହିଲାରେ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁ ଏବଂ ଜଷ୍ଟିସ୍ ଭି. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ । ପରେ ଉଭୟ ବିଚାରପତି ପୃଥକ୍ ପୃଥକ୍ ଭାବେ ଅନ୍ୟ ମାମଲାର ଶୁଣାଣି କରିବେ । ସେହିପରି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏବଂ ଜଷ୍ଟିସ୍ ବିରଜାପ୍ରସନ୍ନ ଶତପଥୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭିନ୍ନ ମାମଲାର ଶୁଣାଣି କରିବେ । ସେହିଦିନ ଉଭୟ ବିଚାରପତି ପୃଥକ ପୃଥକ ଭାବେ ମଧ୍ୟ ଅନ୍ୟ ମାମଲାର ଶୁଣାଣି କରିବେ ।

DSPL-284

**ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ**

୨୮ ସେପ୍ଟେମ୍ବର ୨୦୨୫

ତାଲିମ୍‌ପ୍ରାପ୍ତ ଡାକ୍ତରଙ୍କ ପରାମର୍ଶରେ ଏବଂ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଗର୍ଭପାତ କରାଇବା ଆଇନ୍ ସମ୍ମତ ଓ ନିରାପଦ ।



**ସୁରକ୍ଷିତ ସମୟ ଓ ବିଧି**

- ୯ ସପ୍ତାହ ମଧ୍ୟରେ ବଟିକା ସେବନ ଦ୍ୱାରା
- ୧୨ ସପ୍ତାହ ମଧ୍ୟରେ ଏମ୍.ଭି.ଏ ପଦ୍ଧତି ଦ୍ୱାରା
- ୧୨ ରୁ ୨୪ ସପ୍ତାହ ମଧ୍ୟରେ ଅନୁମୋଦିତ ପଦ୍ଧତି ଦ୍ୱାରା

ଗର୍ଭପାତ ଯେତେ ଶୀଘ୍ର କରାଯିବ ସେତିକି ହେବ ସହଜ, ସରଳ ଓ ସୁରକ୍ଷିତ

୨୦ ସପ୍ତାହରୁ ୨୪ ସପ୍ତାହ ପର୍ଯ୍ୟନ୍ତ ଗର୍ଭପାତ କେବଳ ନିର୍ଦ୍ଦିଷ୍ଟ ମହିଳାଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ

କେବଳ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ ବିନାମୂଲ୍ୟରେ କରାନ୍ତୁ ।
ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପରାମର୍ଶ କରନ୍ତୁ ।

OIPR-10003/13/0289/2526

facebook.com/HFWOdisha http://www.health.odisha.gov.in/ @HFWOdisha
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର